ଧରିତ୍ରୀ
DHARITRI

June 23-29, 2019 ₹ 2/-

# ଛୁଟିଦିନ



## ବରଗଛ

୪
ପ୍ରଚ୍ଛଦ ପ୍ରସଙ୍ଗ

ଗାଁରୁ ସହର ଅନେକ ଛକସ୍ଥାନର ପ୍ରହରୀ ଓ ବହୁ କଥାର କାହାଣୀ ବରଗଛ। ମଶାଣି ପଦାରୁ– ମେଳାପଡ଼ିଆ ସବୁଠାରେ ସବୁବେଳେ ଲାଗିଥାଏ ପ୍ରାଣୀଙ୍କ ସେବାରେ । ତାରି ପାଖରେ ବସେ ନ୍ୟାୟ ନିଶାପ। ତା' ମୂଳରେ ସ୍ଥାପନା ହୁଅନ୍ତି ଗ୍ରାମଦେବତୀ । କେତେ ଭକ୍ତି ଓ ବିଶ୍ୱାସ ସୃଷ୍ଟିହୁଏ ତା'ଠାରେ। କେଉଁଠି ତନ୍ତ୍ର, ମନ୍ତ୍ରର ଅଜବ ପୂଜା ଚାଲେ ତ ଆଉ କେଉଁଠି ବିଜ୍ଞାନର ପରୀକ୍ଷା ନିରୀକ୍ଷା । ମାତ୍ର ବିଭିନ୍ନ ସ୍ଥାନରେ ଥିବା କେତେକ ବରଗଛର ନାମକରଣକୁ ନେଇ ଯୋଡ଼ି ହୋଇଯାଇଛି କିଛି ଅଲୌକିକ ଓ ରୋମାଞ୍ଚଭରା କାହାଣୀ...



୧୩
ସହରଠୁ ଦୂର

୮/୯
ସିନେମା



# ସର୍ବଦା ଖୁସି ରହିବାର ଉପାୟ



ଆଜିକାଲି କାମର ଚାପ ଯୋଗୁ ହେଉ ବା ପାରିବାରିକ ଦାୟିତ୍ୱ ଭାର ହେତୁ ଅନେକେ ବିଷାଦଗ୍ରସ୍ତ ରହୁଥିବାର ଦେଖାଯାଉଛି। ତେଣୁ ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଖୁସି ରହିବା ପାଇଁ ପ୍ରତ୍ୟେକେ ଚେଷ୍ଟା କରିବା ଉଚିତ।

* ଆପଣଙ୍କୁ ଖୁସି ଦେଉଥିବା ଯେକୌଣସି କାର୍ଯ୍ୟ ବା ସୁଯୋଗକୁ ଆଦୌ ହାତଛଡ଼ା କରନ୍ତୁ ନାହିଁ।
* ରାଗ ଦ୍ୱେଷଠାରୁ ଦୂରେଇ ସମସ୍ତଙ୍କ ସହ ଖୁସି ମନରେ ମିଶନ୍ତୁ।
* ନିଜ ଖୁସିକୁ ଅନ୍ୟମାନଙ୍କ ସହ ବାଣ୍ଟନ୍ତୁ। ଖୁସି ବାଣ୍ଟିବା ଦ୍ୱାରା ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।
* ନିଜ ଜୀବନରୁ ନକାରାତ୍ମକ ଚିନ୍ତାଧାରାକୁ ଦୂରେଇବାକୁ ଚେଷ୍ଟା କରନ୍ତୁ। ଏପରି ଚିନ୍ତାଧାରା ଥିବା ଲୋକଙ୍କଠାରୁ ମଧ୍ୟ ଦୂରେଇ ରହିବା ଭଲ।
* ନିଜର ଖରାପ ଅଭ୍ୟାସକୁ ଯଥାସମ୍ଭବ ଦୂରେଇ ଏକ ଶୃଙ୍ଖଳିତ ଜୀବନଶୈଳୀ ଆପଣାନ୍ତୁ।
* ବ୍ୟସ୍ତବହୁଳ ଜୀବନ ମଧ୍ୟରୁ କିଛି ସମୟ ବାହାରକରି ବନ୍ଧୁ ପରିଜନ ବା ପରିବାର ସଦସ୍ୟଙ୍କ ସହ କୌଣସି ଦୂରସ୍ଥାନ ଭ୍ରମଣରେ ଯା'ନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୩-୨୯

**ମେଷ**
ଆର୍ଥିକ ଉନ୍ନତି, ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି, ବନ୍ଧୁମିଳନ, ଧୈର୍ଯ୍ୟହାନି, ନିରୁତ୍ସାହିତ ହୋଇପାରନ୍ତି। ସମ୍ପର୍କୀୟଙ୍କ ସହ ସମସ୍ୟା, ଋଣଗ୍ରସ୍ତ ହେବେ, କର୍ମକ୍ଷେତ୍ରରେ ପ୍ରାଧାନ୍ୟ, ସହକର୍ମୀଙ୍କ ଅଭିଯୋଗ।

**ବୃଷ**
ବିଳାସପ୍ରିୟ ହେବେ, ନୂଆ ସମ୍ପର୍କ, ଦୂରଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ, ପାରିବାରିକ ଶାନ୍ତି, ଶାରୀରିକ ଅସୁସ୍ଥତା, ସଙ୍ଗୀତପ୍ରିୟ ହେବେ, କର୍ମକ୍ଷେତ୍ରରେ ସମସ୍ୟା, ଯାତ୍ରାରେ ସଫଳତା।

**ମିଥୁନ**
କର୍ମଜଞ୍ଜାଳ ବୃଦ୍ଧି, ଅବସର ମିଳିବନି, ଅଭାବ ରହିବନି, ଶାନ୍ତି ପାଇବେନି, ବନ୍ଧୁସମ୍ପର୍କ ବଢ଼ିବ, ସ୍ତ୍ରୀ ଭୁଲ୍ ବୁଝିବେ, ସୁଯୋଗ ମିଳିବ, ବନ୍ଧୁଙ୍କ ସହ ମତାନ୍ତର, ପରିବହନରେ ଝଗଡ଼ା, ନିଷ୍ପତ୍ତିର ପରିବର୍ତ୍ତନ, ପରୋକ୍ଷ ଶତ୍ରୁତା।

**କର୍କଟ**
ବନ୍ଧୁ ମିଳନ, ଆନୁଷ୍ଠାନିକ ତତ୍ପରତା, ପିଲାମାନଙ୍କର ଅଭିଯୋଗ, ସରକାରୀ ସହାୟତା, କ୍ରୀଡ଼ାପ୍ରିୟ ହେବେ, ନୂଆ ଜାଗା ବୁଲିବେ, ଆତ୍ମୀୟଙ୍କ ସମାଲୋଚନା, ପକ୍ଷପାତିତାରୁ ଦ୍ୱନ୍ଦ୍ୱ।

**ସିଂହ**
ଅର୍ଥଲାଭ ଯୋଗ, ନୂଆ ଯୋଜନା, ଯାନବାହନରେ ତ୍ରୁଟି, କର୍ମ ସଂସ୍ଥାନର ଅଫର, ସାଂସ୍କୃତିକ କାର୍ଯ୍ୟରୁ ପ୍ରଶଂସା, କଳା ସାହିତ୍ୟରେ ଅନୁରାଗ, ବକେୟା ପାଇଯିବେ, ବନ୍ଧୁ ସମ୍ପର୍କରେ ଉନ୍ନତି।

**କନ୍ୟା**
କର୍ମ ପରିସରର ବ୍ୟାପକତା, ବନ୍ଧୁ ନିମନ୍ତ୍ରଣ ପାଇବେ, ଖର୍ଚ୍ଚ ପରିମାଣ ବୃଦ୍ଧି, ସାମାଜିକ ସମ୍ମାନ, ଅର୍ଥ ସଂକଟ ଦୂରେଇବ, ବିଜାତୀୟ ବ୍ୟକ୍ତି ସହ ମିତ୍ରତା, ବ୍ୟବସାୟିକ ସଫଳତା, କଳାପ୍ରିୟ ହେବେ।

**ତୁଳା**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ହାତ ଖାଲି ରହିବନି, ପଡ଼ୋଶୀଙ୍କ ସମାଦର, ଭୁଲ୍ ବୁଝାମଣା ଦୂର ହେବ, ବନ୍ଧୁ ଅଭିମାନ କରିବେ, କ୍ରୟ ବିକ୍ରୟରେ ଉନ୍ନତି, ପ୍ରତୀକ୍ଷାଜନିତ କଷ୍ଟ, ମାନସିକ ସନ୍ତୁଳନ ରକ୍ଷା କରିବେ, ଭାବିଚିନ୍ତି କାମ କରନ୍ତୁ।

**ବିଛା**
ମୂଲ୍ୟବୋଧ ବଢ଼ିବ, ରୋଜଗାର କମ୍ ହେବନି, ବନ୍ଧୁ କରିବେ ପ୍ରତାରଣା, ଅନ୍ୟମନସ୍କତାରୁ ଦ୍ରବ୍ୟନଷ୍ଟ, ବିବାଦୀୟ ଘଟଣାରେ ବିଜୟ, ଗୃହସୀମାକୁ ନେଇ ଦ୍ୱନ୍ଦ୍ୱ, ଘରଭଡ଼ାକୁ କେନ୍ଦ୍ର କରି ବିତର୍କ, ଧର୍ମକାର୍ଯ୍ୟରେ ରୁଚି, ତୀର୍ଥାଟନର ପ୍ରସ୍ତୁତି, ଆନୁଷ୍ଠାନିକ ସମ୍ବର୍ଦ୍ଧନା।

**ଧନୁ**
ଲୋକପ୍ରିୟତା ବୃଦ୍ଧି, କର୍ମଜଞ୍ଜାଳ ବଢ଼ିବ, ଦୂରଯାତ୍ରା କରିବେ, ନୂତନ କାମର ପରିକଳ୍ପନା, ଲେଖାପଢ଼ାରେ ଅଭିରୁଚି, ସାମୟିକ ଟେନ୍‌ସନ, ସମ୍ପର୍କରେ ଆଂଶିକ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆମଦାନୀ କାରବାର ବୃଦ୍ଧି, କଳାରୁ ସମ୍ମାନ।।

**ମକର**
ଦୈହିକ ସୁସ୍ଥତା, ଆବଶ୍ୟକତା ବଢ଼ିଯିବ, ଭାବପ୍ରବଣତାରୁ ଅସ୍ଥିରତା, ସନ୍ତାନ ହେତୁକ ମାନସିକ ଆଘାତ ପାଇବେ, ସୁସମ୍ପର୍କ ସ୍ଥାପିତ ହେବ, ପାରିବାରିକ ମତାନ୍ତର, ମାଙ୍ଗଳିକ କାମରୁ ଆନନ୍ଦ, ଯାନ୍ତ୍ରିକ ଜିନିଷ କ୍ରୟ।

**କୁମ୍ଭ**
ପ୍ରଗତିର ପଥରୋଧ, ଭାରସାମ୍ୟ ହରାଇବେ, ସନ୍ଦେହରୁ ମତପାର୍ଥକ୍ୟ, ସୁସ୍ଥତା ବ୍ୟାହତ ହୋଇପାରେ, ନିଜ ଲୋକଙ୍କ ସମାଲୋଚନା, ବନ୍ଧୁଙ୍କ ସାହାଯ୍ୟ, ସରକାରୀ ସହାୟତା, ଅଦାଲତରେ ବାଇଦା, ସାଧାରଣ କଥାରେ କଳହ ।।

**ମୀନ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଅପ୍ରିୟ ସତ୍ୟରୁ ମନାନ୍ତର, ଈର୍ଷା ପରାୟଣତାରୁ ଅସହଯୋଗ, ସଂଚୟ ଜମା ବୃଦ୍ଧି, ପବ୍ଲିକେଶନରେ ସମସ୍ୟା, ଗଠନମୂଳକ କାର୍ଯ୍ୟରୁ ପ୍ରଶଂସା, ପରିସ୍ଥିତିର ବିଷମତା, ଯାତ୍ରା ସ୍ଥଗିତ ହେବ।

# ଫେସ୍ ଟନେଲ ଜରିଆରେ ୱାର୍ଲ୍ଡ ରେକର୍ଡ



ବଡି ମୋଡିଫିକେସନ ଆଜିକାଲି ଏକ ଟ୍ରେଣ୍ଡରେ ପରିଣତ ହୋଇଗଲାଣି। ଟାଟୁ, ପିଅର୍ସିଂ ଆଦି ଯୁବପିଢ଼ିଙ୍କ ଲାଗି ଏକ ସାଧାରଣ କଥା କହିଲେ ଚଳେ। ତେବେ ଜର୍ମାନୀର ୨୬ ବର୍ଷୀୟ ଯୁବକ ଜୋଏଲ ମିଗ୍‌ଲର କିନ୍ତୁ ଆଉ ଦି'ପାଦ ଆଗେଇଯାଇଛନ୍ତି। ନିଜ ମୁହଁରେ ସର୍ବାଧିକ ଫେସ୍ ଟନେଲ କରାଇ ସେ ସ୍ଥାନ ପାଇଛନ୍ତି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ଜୋଏଲ ନିଜ ମୁହଁ ଯଥା ଗାଲ, ନାକ, ଓଠ ଆଦିରେ କଣା କରି ଫ୍ୟାଶନ୍‌ର ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିବାରେ ସକ୍ଷମ ହେବା ସହ ଅନେକ ଲୋକପ୍ରିୟତା ମଧ୍ୟ ହାସଲ କରିଛନ୍ତି। ଜୋଏଲଙ୍କ ଦୁଇ ଗାଲରେ ଥିବା ଗାତର ଗୋଲେଇ ୩୪ ମି.ମି. ଥିବା ବେଳେ ସେ ଏହାକୁ ବଢ଼ାଇ ୪୦ ମି.ମି. କରିବାକୁ ଲକ୍ଷ୍ୟରଖିଛନ୍ତି। ଜର୍ମାନୀର ଏହି ଯୁବ ରେକର୍ଡ ହୋଲ୍‌ଡର ମାତ୍ର ୧୩ ବର୍ଷ ବୟସରେ ସାଧାରଣ ଇୟର୍ ପିଅର୍ସିଂ କରିଥିଲେ। ଏହାପରେ ପିଅର୍ସିଂ କରିବା ତାଙ୍କ ପାଇଁ ଏକ ନିଶା ପାଲଟିଯାଇଥିଲା। ପରିଣାମ ସ୍ୱରୂପ ତାଙ୍କର ଏହି ନିଶା ତାଙ୍କୁ ୱାର୍ଲ୍ଡ ରେକର୍ଡଧାରୀ କରାଇବାରେ ସକ୍ଷମ ହୋଇପାରିଲା।



# ପାଠକୀୟ

❖କେଶ ବିନ୍ୟାସ ଭିତରେ ଖୋଷା ହେଉଛି ଏପରି ଏକ କେଶ ବିନ୍ୟାସ, ଯାହା ଆରମ୍ଭରୁ ଆଜିଯାଏ ରହିଆସିଛି। ତେବେ ସମୟ ଓ ପୋଷାକ ପରିଚ୍ଛଦକୁ ନେଇ ଯାହା ବଦଳେଇଦେଇଛି ତା'ର ପରିପାଟୀ। ତେବେ ଏତିକି ଯେ, ଖୋଷା ଯେମିତି ଯେଉଁ ରୂପରେ ଆସିଲେ ବି ନାରୀଙ୍କୁ କରିଛି ରୂପମୟୀ। ତେଣୁ ଖୋଷାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। 'ଆତ୍ମବିଶ୍ୱାସ ଫେରିପାଇବାକୁ ହେଲେ', 'ଭିଡିଓ ଗେମ୍ ଖେଳିଲେ ପଡ଼ିବ ଜରିମାନା' ଆଦି ପାଠରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

***–ରାକେଶ ମହାନ୍ତି, ସମ୍ବଲପୁର***

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଖୋଷା' ଏକ ନୂଆ ଅନୁଭୂତି ଦେଲା। ସତରେ ଖୋଷାର ଯେ ଏତେସବୁ ଭେରାଇଟି ରହିଛି ତାହା ଆଗରୁ ଜାଣି ନ ଥିଲି। ତେଣୁ ଏଭଳି ଉପାଦେୟ ଲେଖା ପାଇଁ ଆପଣଙ୍କୁ ଧନ୍ୟବାଦ। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ଅରବିନ୍ଦ ଆଡ଼ିଗା'ଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଝରକା ପାଖ ସିଟ୍' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

***–ସନ୍ତୋଷ ବରାଳ, ତୁମୁଡ଼ିବନ୍ଧ, କନ୍ଧମାଳ***

❖ସିନେମା ପୃଷ୍ଠାରେ ସ୍ଥାନିତ 'ସଜବାଜ ହେଉଛନ୍ତି ସ୍ନେହା', 'ମୁହଁ ଖୋଲିଲେ ଅନନ୍ୟା', 'କ'ଣ କରୁଛନ୍ତି ହ୍ରିତିକ୍' ଆଦି ପାଠରୁ ଏହି ଅଭିନେତା ଓ ଅଭିନେତ୍ରୀଙ୍କ ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ସାଥୀର ଉତ୍ତରଗୁଡ଼ିକ ବେଶ୍ ରୋମାଣ୍ଟିକ୍ ଲାଗୁଛି। ସେହିପରି ରୋଜଗାର ସ୍ତମ୍ଭରୁ ଶିକ୍ଷକ, ଲେଖକ ତଥା ସାମାଜିକ କର୍ମୀ ବାଳମୁକୁନ୍ଦ ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢ଼ିଲି, ଭାରି ମନଛୁଆଁ ଥିଲା ତାଙ୍କ ଜୀବନ କାହାଣୀ।

***–ଅଶୋକ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ***

❖ନୟାଗଡ଼ ଜିଲା ନଛିପୁର ଗାଁର ରଜପର୍ବ ବେଶ୍ ନିଆରା ବୋଲି ଏଥରର ଛୁଟିଦିନରୁ ଜାଣିବାକୁ ମିଳିଲା। ମଡେଲ ମିରର୍‌ରେ ରାମେଶ୍ୱରୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ମାଣିକଗଡ଼ ଦୁର୍ଗ' ସମ୍ପର୍କରେ ଅନେକ କୌତୂହଳ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ବଡ଼ ବ୍ୟାକ୍‌ପ୍ୟାକ୍' ପାଠଟି ଭାରି କୌତୂହଳପୂର୍ଣ୍ଣ ଥିଲା।

***–ସୁଶାନ୍ତ ମୁଦୁଲି, ରାୟଗଡ଼ା***

❖ଯାତ୍ରା ପୃଷ୍ଠାରେ ସ୍ଥାନିତ 'ସଙ୍ଗୀତ ନିଶାରେ ରୁନୁ', 'ଭର୍ସାଟାଇଲ୍ ଟାହିଆ' ଆଦି ପାଠରୁ ସେମାନଙ୍କର ଯାତ୍ରା ଇନିଂସ୍ ସମ୍ପର୍କରେ ଅନେକ ରୋଚକପୂର୍ଣ୍ଣ କଥା ଜାଣିବାକୁ ମିଳିଲା। 'ଡେଣା ଥିବା ପୋଷାକ' ଏବଂ 'ମୁଣ୍ଡ ଯୁଆଡ଼େ ଛତା ସିଆଡ଼େ' ଆଦି ପାଠ ବି ପଢ଼ିବାକୁ ବେଶ୍ ନିଆରା ଥିଲା।

***–ସନାତନ ରାଉତ, ରାଣୀହାଟ, କଟକ***

## ବିଶେଷ ଚିଠି



'ଛୁଟିଦିନ ଧରିତ୍ରୀ' ଅଟେ ସୁନ୍ଦର
ପ୍ରଚ୍ଛଦ ପ୍ରସଙ୍ଗ ଅଟେ ମୁଖ୍ୟ ଏହାର,
ସୃଜନ ପୃଷ୍ଠାର ଗଳ୍ପ ଓ କବିତା
ସୃଜନଶୀଳତାର ଦିଏ ବାରତା।
ସାଥୀ ପୃଷ୍ଠାର ସୁନ୍ଦର ଉତ୍ତର
ବ୍ୟାକ୍‌ପେଜ୍ ଅଜବ ଖବର
ମନେ ଭରିଦିଏ ଖୁସି ଅପାର।

***–ବିନୋଦ ବିହାରୀ ବେହେରା, ନୂଆସାହି, ନୂଆବଜାର, କଟକ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com


ENO
gsk
6ଟି ଏସିଡିଟି ଲକ୍ଷଣ ଗୋଟିଏ ସମାଧାନ*
ଟ୍ରାଇ କରନ୍ତୁ ଆକର୍ଷଣୀୟ ଫ୍ଲେଭର୍ସ
FAST RELIEF FROM ACIDITY
ENO Fruit Salt
GETS TO WORK IN 6 SECONDS
ORANGE FLAVOUR
LEMON FLAVOUR
COLA FLAVOUR
GREY/461/19
CHIN/CHENO/0016/19



ଫଟୋ: କୁମାର ଶରତ

# ବରଗଛ



ପରିବେଶସୁରକ୍ଷା ହେଉ କି ପ୍ରାଣୀଜଗତର ଜୀବନରକ୍ଷା । ପରୋକ୍ଷ ଓ ପ୍ରତ୍ୟକ୍ଷଭାବେ ବୃକ୍ଷ ହିଁ ସର୍ବଦା ସହାୟକ ହୋଇଥାଏ । ଏପରି କି ଯେବେ ପ୍ରାକୃତିକ ବିପଦ ଆସେ ଅନ୍ୟର ସୁରକ୍ଷାପାଇଁ ସେ ଯୁଝିଥାଏ ନିଆରା ଯୋଦ୍ଧାପରି ।

ଗାଁରୁ ସହର ଅନେକ ଛକସ୍ଥାନର ପ୍ରହରୀ ଓ ବହୁ କଥାର କାହାଣୀ ବରଗଛ । ମଶାଣି ପଦାରୁ– ମେଳାପଡ଼ିଆ ସବୁଠାରେ ସବୁବେଳେ ଲାଗିଥାଏ ପ୍ରାଣୀଙ୍କ ସେବାରେ । ତାରି ପାଖରେ ବସେ ନ୍ୟାୟ ନିଶାପ । ତା' ମୂଳରେ ସ୍ଥାପନା ହୁଅନ୍ତି ଗ୍ରାମଦେବତୀ । କେତେ ଭକ୍ତି ଓ ବିଶ୍ୱାସ ସୃଷ୍ଟିହୁଏ ତା'ଠାରେ । କେଉଁଠି ତନ୍ତ୍ର, ମନ୍ତ୍ରର ଅଜବ ପୂଜା ଚାଲେ ତ ଆଉ କେଉଁଠି ବିଜ୍ଞାନର ପରୀକ୍ଷା ନିରୀକ୍ଷା । ମାତ୍ର ବିଭିନ୍ନ ସ୍ଥାନରେ ଥିବା କେତେକ ବରଗଛର ନାମକରଣକୁ ନେଇ ଯୋଡ଼ି ହୋଇଯାଇଛି କିଛି ଅଲୌକିକ ଓ ରୋମାଞ୍ଚଭରା କାହାଣୀ । ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିପାରେ ମାତ୍ର ଏହାର ପ୍ରାମାଣିକ ସତ୍ୟତାକୁ ନେଇ ନାନାପ୍ରକାର ଲୋକକଥା ଶୁଣିବାକୁ ମିଳେ । ଏମିତି କେତେକ ଘଟଣା, ଅଘଟଣ, ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ସାଧାରଣରେ ପ୍ରଚାର ଯୋଗୁ ଲୋକମୁଖରେ ଏକପ୍ରକାର ସତମିଛର କାହାଣୀ ଜନ୍ମେଇ ଥାଏ । ତେବେ ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଏମିତି କେତେକ ମୂକସାକ୍ଷୀ ପାଲଟିଥିବା ବୃକ୍ଷ କାହାଣୀକୁ ନେଇ ଏଥରର ପ୍ରଚ୍ଛଦ... ।

**ଶ୍ରୀକ୍ଷେତ୍ରରେ ସପ୍ତବଟ:** ବଟବୃକ୍ଷ ଆମ ଉପାସନା, ପରମ୍ପରା ଓ ଐତିହ୍ୟର ସ୍ୱତନ୍ତ୍ର ମର୍ଯ୍ୟାଦା ବହନକରେ । ଗବେଷକ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି ପୁରୁଣା ଜଗନ୍ନାଥ ସଡ଼କ ଦାଢ଼ରେ ଥିଲା କାଉଁରୀବଟ । ପୁରୁଷୋତ୍ତମକୁ ଆସୁଥିବା ତୀର୍ଥଯାତ୍ରୀ ଏଇଠି ଥକା ମେଣ୍ଟାଉଥିଲେ । କାମାକ୍ଷାରୁ ଜଣେ ସାଧିକା ସେହି ବଟ ଉପରେ ବସି ପୁରୀ ଆସୁଥିଲେ । ନିତେଇ ଧୋବଣୀଙ୍କ ଦୃଷ୍ଟି ପଡ଼ିଥିଲା ସେହି ବଟ ଉପରେ । ମନ୍ତ୍ରବଳରେ ସେ ଉକ୍ତ ବଟକୁ ଶୂନ୍ୟରୁ ଓହ୍ଲାଇ ଦେଇଥିଲେ । ସାଧିକା ପଚାରିଲେ ବଟବୃକ୍ଷଙ୍କୁ କାହିଁକି ଶୂନ୍ୟରୁ ଓହ୍ଲେଇ ଦେଲୁ ? ମୁଁ ତ ନୀଳାଚଳ ନାଥଙ୍କୁ ଦର୍ଶନ କରିବାକୁ ଯାଉଛି । ଆସିଥିଲି କାଉଁରୀ କାମାକ୍ଷାରୁ ? ନିତେଇ ଧୋବଣୀ କହିଲେ, ଜୀବ ଉପରେ ବସି କ'ଣ ଯିବାଆସିବା କରୁଛୁ । ଜଡ଼ ଉପରେ ବସି ଯାଇପାରିବୁ କି ? ମନାକଲା ସାଧିକା । ମୋର ସେ ସାଧନା ନାହିଁ । ସେତିକି ବେଳେ ତା' ଅନୁରୋଧରେ ଗୋଟେ ଖଣ୍ଡିଆବନ୍ଧରେ ବସି ବୁଲିଆସିଲେ ନିତେଇ । ସେହି ଦିନ ଠାରୁ ସେ ବଟ ରହିଗଲା ନିତେଇ ଧୋବଣୀଙ୍କ ଘାଟରେ । ତାହା **କାଉଁରୀବଟ** ଭାବେ ପରିଚିତ ହେଲା । ମାତ୍ର୧୯୮୨ ଓ ୧୯୯୯ମହାବାତ୍ୟାରେ ଏହି କାଉଁରୀବଟ ଧ୍ୱଂସପାଇଗଲା । ଶହଶହ ବର୍ଷର ଐତିହ୍ୟର ଇତି ହୋଇଗଲା । ଏହିପରି ବଞ୍ଚି ରହିଛି ଜଗନ୍ନାଥ ସଡ଼କରେ ଚାଲିଚାଲି ଆସୁଥିବା ମହାପ୍ରଭୁଙ୍କ ଭକ୍ତଙ୍କୁ ନେଇ ଅନେକ ଐତିହ୍ୟର ଗାଥା । ସେହିପରି ଶ୍ରୀକ୍ଷେତ୍ରର ପ୍ରଥମ ତଥା ସର୍ବପୁରାତନ ପବିତ୍ର କଳ୍ପବଟ ଶ୍ରୀମନ୍ଦିର ପରିସରରେ ଦଣ୍ଡାୟମାନ । ଅନେକ ସଂସ୍କୃତି ଓ ଓଡ଼ିଆ ଗ୍ରନ୍ଥରେ କଳ୍ପବଟର ମାହାତ୍ମ୍ୟ ବର୍ଣ୍ଣିତ । ଏହି **କଳ୍ପବଟ**କୁ ଉପାସନାକଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ଲୋକକଥାରେ ସେ ବାଞ୍ଛାକଳ୍ପତରୁ ହୋଇଯାଇଛନ୍ତି । ଅନ୍ୟପକ୍ଷେ ଗନ୍ଧର୍ବମଠରେ ରହିଛି **ଗୋଛନ୍ଦବଟ** । ଏହି ମଠ ପ୍ରଥମେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଆଶ୍ରମଥିଲା । ଏହାକୁ ନେଇ ରହିଛି ବହୁ ଐତିହ୍ୟ । ସେହିପରି ଶ୍ରୀଯମେଶ୍ୱର ମହାଦେବଙ୍କ ପୀଠରେ ମହର୍ଷିକଣ୍ବଙ୍କ ସମୟରୁ **ନିକୁମ୍ଭିଳାବଟ** ନାମରେ ଏକବଟ ରହିଛି । ଦୋଳମଣ୍ଡପ ସାହିର ଜହ୍ନିମୁଣ୍ଡିଆ ଠାରେ ଶ୍ରୀଅଙ୍ଗିରା ମହର୍ଷିଙ୍କ ଆଶ୍ରମରେ **କାମ୍ୟବଟ** ରହିଛି । ଏହିପବିତ୍ର ଧାମରେ ଶ୍ରୀମାର୍କଣ୍ଡେୟ ମହର୍ଷିଙ୍କ ଆଶ୍ରମରେ ରହିଛି **ଅଘୋରବଟ** । ଏହାରି ତଳେ ଶ୍ରୀମାର୍କଣ୍ଡେୟ ମହର୍ଷି ସିଦ୍ଧିଲାଭ କରିଥିଲେ ବୋଲି ବିଶ୍ୱାସ ରହିଛି । ଉଆଁସ ଦାଣ୍ଡରେ ଶବ କାନ୍ଧେଇ ସ୍ୱର୍ଗଦ୍ୱାର ଗଲାବେଳେ ଏଇଠୁ ଶବ ଓଜନ ବଢ଼ିଯାଏ । ଏହିଠାରୁ ସ୍ୱର୍ଗଦ୍ୱାର ବାଲିପନ୍ତା ଆରମ୍ଭ ହେଉଥିଲା । ଏହିଠୁ ନୀଳାଚଳ କ୍ଷେତ୍ରରେ ପ୍ରେତଭୂମି ଆରମ୍ଭ । ଅଘୋରିମାନେ ଏଇଠି ରାତିସାରା ସାଧନାରତ ରହୁଥିଲେ । ଏହିଠାରୁ ମୃତଶରୀର ସୂକ୍ଷ୍ମସତ୍ତା ମର୍ତ୍ତ୍ୟଲୋକ ଛାଡ଼ି ପ୍ରେତଲୋକରେ ପ୍ରେବେଶ କରେ । ଅଣସର ସମୟରେ କ୍ଷେତ୍ରକୁ ଆସିଥିବା ଯୋଗୀ କର୍ଣ୍ଣାମିଗିରି ଏହି ବଟମୂଳେ ଆସ୍ଥାନକରି ପ୍ରଥମେ ଡେରାପକାଇଥିଲେ । ସେ ପରିଚିତ ଥିଲେ ସୋଲାଖିଆ ବାବା ଭାବେ । ସେବେଠୁ ବାବା ବସିଥିବା ବରଗଛଟି **ସୋଲାଖିଆ ବଟ** ନାମରେ ପ୍ରସିଦ୍ଧ ।

**ବାଣପୁରରେ ଗାନ୍ଧୀ ବର–:** ବ୍ରିଟିଶ ଶାସନ କବଳରୁ ଦେଶକୁ ସ୍ୱାଧୀନ କରିବା ପାଇଁ ଗାନ୍ଧିଜୀ ଦେଶବ୍ୟାପୀ ପଦଯାତ୍ରା କରିଥିଲେ । ୧୯୨୧ରୁ ୧୯୪୭ ମଧ୍ୟରେ ଓଡ଼ିଶାକୁ ଗାନ୍ଧିଜୀ ସାତଥର ଆସିଥିଲେ । ଓଡ଼ିଶାର ଅବିଭକ୍ତ ପୁରୀ ଜିଲାର ବାଣପୁରକୁ ଗାନ୍ଧିଜୀ →

> ଗାଁରୁ ସହର ଅନେକ ଛକସ୍ଥାନର ପ୍ରହରୀ ଓ ବହୁ କଥାର କାହାଣୀ ବରଗଛ। ମଶାଣି ପଦାରୁ– ମେଳାପଡ଼ିଆ ସବୁଠାରେ ସବୁବେଳେ ଲାଗିଥାଏ ପ୍ରାଣୀଙ୍କ ସେବାରେ । ତାରି ପାଖରେ ବସେ ନ୍ୟାୟ ନିଶାପ। ତା' ମୂଳରେ ସ୍ଥାପନା ହୁଅନ୍ତି ଗ୍ରାମଦେବତୀ । କେତେ ଭକ୍ତି ଓ ବିଶ୍ୱାସ ସୃଷ୍ଟିହୁଏ ତା'ଠାରେ। କେଉଁଠି ତନ୍ତ୍ର, ମନ୍ତ୍ରର ଅଜବ ପୂଜା ଚାଲେ ତ ଆଉ କେଉଁଠି ବିଜ୍ଞାନର ପରୀକ୍ଷା ନିରୀକ୍ଷା । ମାତ୍ର ବିଭିନ୍ନ ସ୍ଥାନରେ ଥିବା କେତେକ ବରଗଛର ନାମକରଣକୁ ନେଇ ଯୋଡ଼ି ହୋଇଯାଇଛି କିଛି ଅଲୌକିକ ଓ ରୋମାଞ୍ଚଭରା କାହାଣୀ...

















ପ୍ରଥମେ ଆସିଥିଲେ । ଅଧ୍ୟାପକ ଡ. ସତ୍ୟ ଷଡ଼ଙ୍ଗୀ କୁହନ୍ତି, ୧୯୨୭ ମସିହା ଡିସେମ୍ବର ୮ତାରିଖ। ପଣ୍ଡିତ ଗୋଦାବରୀଶ ମିଶ୍ର ଓ ତାଙ୍କର ସହକର୍ମୀ ଗାନ୍ଧିଜୀଙ୍କୁ ବାଣପୁରକୁ ପାଛୋଟି ଆଣିଥିଲେ ଏବଂ ବାଣପୁର ଠାରେ ପଣ୍ଡିତ ଗୋଦାବରୀଶ ସ୍ଥାପନ କରିଥିବା ଆଶ୍ରମ ସମ୍ମୁଖ ଏକ ବରଗଛମୂଳେ ସଭା କରାଯାଇଥିଲା। ସେଦିନ ଗାନ୍ଧିଜୀଙ୍କ କଥାଶୁଣି ବାଣପୁର ଜନସାଧାରଣ ୨୨୫ଟଙ୍କା ସଂଗ୍ରହ କରିଥିଲେ। ସେଦିନ ସଭାରେ ଆଦିବାସୀମାନେ ଗାନ୍ଧିଜୀଙ୍କୁ ଭେଟିଦେଇଥିବା ଫଳ,ପରିବା ନିଲାମ ହୋଇଥିଲା। ରାତିରେ ଗାନ୍ଧିଜୀ ବାଣପୁରରେ ରହିଥିଲେ। ତାଙ୍କ ପରାମର୍ଶରେ ବାଣପୁରରେ ଅରଟକେନ୍ଦ୍ର ଖୋଲାଯାଇଥିଲା। ଗାନ୍ଧିଜୀଙ୍କ ସଭାର ସ୍ମାରକୀ ସ୍ୱରୂପ ବର୍ତ୍ତମାନ ଖୋର୍ଦ୍ଧାଜିଲା ବାଣପୁର ଗୋଦାବରୀଶ ବିଦ୍ୟାପୀଠର ପୂର୍ବପଟକୁ ଏହି ବରଗଛ ରହିଛି। ନିକଟରେ ଗଛ ବାଲୁଙ୍କେଶ୍ୱର ମନ୍ଦିର ଅବସ୍ଥିତ।

**ଗୁରୁବାଇନାସୀର ଲୋଟଣିବର-:** ଚିଲିକା ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଐତିହାସିକ ଉପନ୍ୟାସ 'ନୀଳାଦ୍ରି ବିଜୟ'ରେ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି – ଚିଲିକା ଗର୍ଭରେ ଦିଅଁମାନେ ଆଉ ନିରାପଦ ନୁହନ୍ତି। ଅତୀତରେ ମୋଗଲଗୋଳ ବେଳେ ଦିଅଁମାନେ ବାରମ୍ବାର ଚିଲିକାଗର୍ଭରେ ଆତ୍ମଗୋପନ କରିଥିବା ଦୃଷ୍ଟିରୁ ଚିଲିକାର ଦ୍ୱୀପ ଓ ପାହାଡ଼ ମୁଣ୍ଡିଆ ଉପରେ ମାଲୁଦ ଫୌଜଦାରର ଦୃଷ୍ଟି କ୍ରମେ ପଡ଼ିଲାଣି। / ଚିଲିକାର ନୀଳଜଳରାଶି ଭିତରୁ ଉଇଁ ଆସୁଥିଲା ପୂର୍ଣ୍ଣିମା ତିଥିର ଚନ୍ଦ୍ର। ରାମଚନ୍ଦ୍ର ଦେବ ଚମକି ଉଠିଲେ। ତାଙ୍କର ମନେପଡ଼ିଗଲା-ଆଜି ପୌଷ ପୂର୍ଣ୍ଣିମା। ସନ୍ଧ୍ୟା-ବିବର୍ଣ୍ଣ ଜଳରାଶି ଉପରେ ପୂର୍ଣ୍ଣିମାର ରଜତ ମହୋତ୍ସବ। /ଆଜି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କର ପୁଷ୍ପାଭିଷେକ। ଜଗନ୍ନାଥଙ୍କର ମାଜଣା, କନକଲାଗି ବେଶ, ମାଳଫୁଲ, କର୍ପୂର ବେଶ ଦେଖିବାପାଇଁ ଭିତରକାଠ ପର୍ଯ୍ୟନ୍ତ ଯାତ୍ରୀ ଠେଲାଠେଲି ଭିତରରୁ ମହାପାତ୍ର ସିଂହାସନ ଉପରକୁ ଉଠି ଦଣ୍ଡଛତ୍ର ଧରିଥିବ ଲକ୍ଷ୍ମଣଙ୍କ ପରି। ପାଳିଆ ମେକାପ ହନୁମାନ ପରି ଆଣ୍ଠେଇ ଧରିଥିବ ଦଣ୍ଡଛତ୍ରର ତଳଭାଗ। /କିନ୍ତୁ ହେନ୍ତାଳ ବଣଭିତରେ ଜଗନ୍ନାଥ ଆଜି ବନବାସୀ, ନିର୍ବାସିତ। କାହିଁ ପୁଷ୍ପାଭିଷେକ, ମାଜଣାଲାଗି ବେଶ, ପନ୍ତିଭୋଗ ? ଗୁରୁବାଇ ଦ୍ୱୀପର ସେଇ ଲୋଟଣୀବର ତଳେ ଦିଅଁମାନେ ଆଜି ଖାଡ଼ାଖାଡ଼ା ଓପାସ। /ମୁଦ୍ରିତ ଆଖିର ଭ୍ରୂଲତାପରି ଏଇ ଆଗରେ ଦେଖାଯାଏ ହେନ୍ତାଳ, ଜେଉଳା ଆଉ ନଳଘାସଘେରା ଗୁରୁବାଇନାସୀ। ଇଏଥିଲା 'ନୀଳାଦ୍ରି ବିଜୟ'ଉପନ୍ୟାସର କିଛି ବାକ୍ୟ ମାତ୍ର । କିନ୍ତୁ ଦିନଥିଲା ଯେତେବେଳେ ଏଠାର ନିକାଞ୍ଚନ ନିରାପଦ ଜାଗାରେ ମହାପ୍ରଭୁଙ୍କୁ ବିଦ୍ୟମାନ କରିଯାଇ ପୂଜାର୍ଚ୍ଚନ କରାଯାଉଥିଲା କିନ୍ତୁ ସେଦିନର ସେଇ ମୂଳ ଲୋଟଣୀ ବରଗଛ ଆଉ ନାହିଁ କି ଜଙ୍ଗଲ ନାହିଁ। ଏବେ ସ୍ମାରକୀ ଭାବେ ଏଠାରଥିବା ଶାଖା ଲୋଟଣୀ ବରଗଛଟି ଫନୀ ବାତ୍ୟାରେ ଭାଙ୍ଗିଯାଇଛି। ଏହି ପବିତ୍ର ସ୍ଥାନ ନିକଟରେ ଏକ ମନ୍ଦିର ନିର୍ମାଣ ହୋଇଛି। ଶ୍ରୀଜୀଉ ଦଧିବାମନ ରୂପେ ପୂଜା ପାଉଛନ୍ତି । ମହାପ୍ରଭୁଙ୍କ ଏମିତି ଲୀଳାକ୍ଷେତ୍ରକୁ ନେଇ କେତେ ପୁରାଣ, ଉପନ୍ୟାସ ଓ ସାହିତ୍ୟ ରଚନା ହୋଇଛି।


**ଫାଶୀଦିଆ ବରଗଛ-:** ଓଡ଼ିଶାର ମହାନ୍ ସଂଗ୍ରାମୀ ତଥା ଭାରତର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କର ରକ୍ତରେ ରଞ୍ଜିତ ଫାଶୀଦିଆ ବରଗଛ ଏବେ ବି ସ୍ମରଣକରେ ଇଂରେଜ ଶାସନର ଅମାନୁଷିକ ଲୋମଟାଙ୍କୁରା ହତ୍ୟାକାଣ୍ଡକୁ। ଜୟୀ ରାଜଗୁରୁ ସ୍ମୃତିସଂସଦର ପ୍ରତିଷ୍ଠାତା ସମ୍ପାଦକ ଜଟାଧାରୀ ମିଶ୍ର କୁହନ୍ତି, ଏହି ଇତିହାସ ସମ୍ପର୍କରେ ଗବେଷଣା କରୁଥିବାରୁ ତା.୧୦।୮।୨୦୦୮ମସିହାରେ ବାଘିତୋଟାର ବରଗଛ ସମ୍ପର୍କରେ ଅନୁସନ୍ଧାନ କରିଥିଲୁ। ଦିନଥିଲା ୧୮୦୬ମସିହା ଡିସେମ୍ବର ୬ତାରିଖ ଭୋର ସମୟରେ ମହାନ୍ ସଂଗ୍ରାମୀ ଜୟୀ ରାଜଗୁରୁଙ୍କୁ ଇଂରେଜମାନେ ମେଦିନପୁରର ବାଘିତୋଟାର ବରଗଛ ଡାଳରେ ଦୁଇ ଗୋଡ଼କୁବାନ୍ଧି ଅତିନିର୍ମମଭାବେ ହତ୍ୟା କରିଥିଲେ। ଏହି ସ୍ଥାନଟି ବର୍ତ୍ତମାନ ଓଡ଼ିଶାର ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ଗ୍ରାମପଞ୍ଚାୟତର ଅନନ୍ତପୁର ରାଜସ୍ୱ ଗ୍ରାମ ଅଧୀନ ବାଘିତୋଟା ଓ ବାଘିନାଳ । ସେତେବେଳେ ଖୋର୍ଦ୍ଧା ଅଞ୍ଚଳରୁ ପାଇକମାନେ ଜୟୀ ରାଜଗୁରୁଙ୍କୁ ବ୍ରିଟିଶ କବଳରୁ ଛଡ଼ାଇ ଆଣିବା ପାଇଁ ଆସିଥିଲେ। ମାତ୍ର ସେତେବେଳକୁ ରାଜଗୁରୁଙ୍କୁ ହତ୍ୟା କରାଯାଇ ସାରିଥିଲା। ଏଠାକୁ ଆସିଥିବା ପାଇକମାନେ ସେବେଠାରୁ ଏଠାରେ ପାଇକବସ୍ତି କରିରହିଛନ୍ତି। ଏଠାରେ ଥିବା ସେହି ମୂଳବରଗଛର ଶାଖାଗଛକୁ ପ୍ରତିବର୍ଷ ଗ୍ରାମର ଲୋକମାନେ ପୂଜାର୍ଚ୍ଚନା କରିବା ସହିତ ଜୟୀ ରାଜଗୁରୁଙ୍କ ନାମରେ ଯଜ୍ଞ ଓ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷେ ବଟବୃକ୍ଷକୁ ସ୍ୱୟଂ ବ୍ରହ୍ମା,ବିଷ୍ଣୁ ଓ ମହେଶ୍ୱରଙ୍କ ସ୍ୱରୂପ ରୂପେ ପୁରାଣରେ ବର୍ଣ୍ଣିତ ହୋଇଛି। ତେବେ ଓଡ଼ିଶାର ପ୍ରସିଦ୍ଧ ବଟବୃକ୍ଷ ମଧ୍ୟରେ ଛତିଆବଟ, ସଖୀବଟ, ଉଦୟବଟ ସମେତ ବିଭିନ୍ନ ସ୍ଥାନରେ ଥିବା କେତେକ ବରଗଛର ପ୍ରଚ୍ଛଦରେ ରହିଛି ବିଭିନ୍ନ ଘଟଣାର ଅତୀତ କାହାଣୀ । ଅନ୍ୟପକ୍ଷେ ବରଗଛ ଶୈଶବର ଖେଳଘର, ଯୌବନର ପସରା ଓ ବାର୍ଦ୍ଧକ୍ୟର ସାହାରା ହୋଇଥାଏ। ଯାହା ଆମକୁ ସେହିସମୟକୁ ସ୍ମରଣ କରାଇଦିଏ।

**-ବନବିହାରୀ ବେହେରା**

## ବର-ଅଶ୍ୱତ୍ଥ ବିବାହରେ ପୁଣ୍ୟ ମିଳେ

ଦିନକୁଦିନ ଗଛସଂଖ୍ୟା କମୁଥିବାରୁ ବର ଓ ଅଶ୍ୱତ୍ଥ ଗଛ ମଧ୍ୟରେ ବିବାହ କରାଇ ଗଛ ଲଗାଇବାର ସଚେତନତା ସ୍ୱାଗତ ଯୋଗ୍ୟ । ବିଭିନ୍ନ ସ୍ଥାନରେ ବର ଅଶ୍ୱତ୍ଥ ଗଛ ମଧ୍ୟରେ ବିବାହ ଅନୁଷ୍ଠିତ ହେଉଛି । ଖୋର୍ଦ୍ଧାର ଗୋଲକ ବିହାରୀ ହାତୀ, ବର ପକ୍ଷ ଓ ଶାନ୍ତିଲତା ଦେଈ ଅଶ୍ୱତ୍ଥ ପକ୍ଷ ହୋଇ ବିବାହ କରାଇଥିଲେ । ବାଜା, ବାଣ, ରୋଶଣି, ହୁଳହୁଳି ଓ ବ୍ରାହ୍ମଣଙ୍କ ମନ୍ତ୍ରପାଠରେ ବିବାହ କାର୍ଯ୍ୟ ସରିଥିଲା। ଏଥିରେ ସ୍ଥାନୀୟ ବାସିନ୍ଦା, ପରିବେଶ୍‌ବିତ୍ ସହଯୋଗ କରିଥିଲେ । ନୟାଗଡ଼ ଜିଲା ନନ୍ଦିଘୋର ଗାଁର ଶିକ୍ଷକ ଗିରିଜା ଶଙ୍କର ମହାପାତ୍ର କୁହନ୍ତି, ପରିବେଶ ପାଇଁ ବର ଓ ଅଶ୍ୱତ୍ଥ ଗଛର ଆବଶ୍ୟକତା ଅଛି । ଅଶ୍ୱତ୍ଥ ଗଛର ମୃତ୍ୟୁ ଥିବାବେଳେ ବରଗଛର ପ୍ରାକୃତିକ ମୃତ୍ୟୁ ନାହିଁ । ମୂଳଗଛଟି ମରିଗଲେ ମଧ୍ୟ ଓହଳ ଦ୍ୱାରା ନୂତନ ଗଛ ସୃଷ୍ଟି ହୋଇ ବଞ୍ଚି ରହେ । ଫଳରେ ପିଢ଼ି ପରେ ପିଢ଼ି ଜୀବଜଗତ ସେବାରେ ଲାଗିଥାଏ । ପ୍ରାକୃତିକ ଭାବେ ବରଫଳ ଖାଉଥିବା ପକ୍ଷୀଙ୍କ ମଳରୁ ମଞ୍ଜିବାହାରି ଗଛସୃଷ୍ଟି ହୋଇଥାଏ । ଗୋଡିପଡାର ଚନ୍ଦ୍ରମଣି ମିଶ୍ର କୁହନ୍ତି, ବର ଓ ଅଶ୍ୱତ୍ଥ ଗଛ ବିବାହ ଏକ ପୁଣ୍ୟ କାର୍ଯ୍ୟ । ନିଃସନ୍ତାନ ଦମ୍ପତି ଏହି ବୃକ୍ଷ ଲଗାଇ ବିବାହ କରାଇ ଆତ୍ମତୃପ୍ତି ପାଆନ୍ତି। । ଡାକ୍ତର ତ୍ରୈଲୋକ୍ୟନାଥ ମହାରଣା କୁହନ୍ତି, ପ୍ରାଚୀନ ଆୟୁର୍ବେଦ ଚିକିତ୍ସାଗ୍ରନ୍ଥରେ ବଟବୃକ୍ଷର ଔଷଧୀୟଗୁଣ ସମ୍ପର୍କରେ ଚମତ୍କାର ବର୍ଣ୍ଣନା ହୋଇଛି। ବଟବୃକ୍ଷର ପତ୍ର, କ୍ଷୀର,ଫଳ, ବଲ୍କଳରେ ଔଷଧୀୟ ଗୁଣ ଭରପୂର ରହିଛି।

**-ଲୋକନାଥ ମିଶ୍ର**









# ରହସ୍ୟର ଦୁଇ ନାୟିକା


ଆନେ



ଆଗାଥା


**ରହସ୍ୟ ରୋମାଞ୍ଚକୁ ନେଇ ଲେଖାଯାଉଥିବା କାହାଣୀ ଯେ ସାହିତ୍ୟର ଏକ ପ୍ରମୁଖ ଅଙ୍ଗ ପାଲଟିପାରେ, ତାହା କରି ଦେଖାଇଥିଲେ ବିଶ୍ୱ ସାହିତ୍ୟର ଦୁଇ ମହୀୟସୀ ମହିଳା। ଜଣେ ହେଉଛନ୍ତି ଆଗାଥା କ୍ରିଷ୍ଟି ଏବଂ ଆଉ ଜଣେ ଆନେ ରାଇସ୍...**


ବିଶ୍ୱ ସାହିତ୍ୟରେ ରହସ୍ୟ କାହାଣୀର ଏକ ସ୍ୱତନ୍ତ୍ର ମାନ୍ୟତା ରହିଛି। ସେଥିଲାଗି ରହସ୍ୟ ସାହିତ୍ୟକୁ ସାହିତ୍ୟର ମୁଖ୍ୟ ସ୍ରୋତରେ ମଧ୍ୟ ସାମିଲ କରାଯାଇଛି। ଏମିତି ଏକ ପରିସ୍ଥିତି ଥିଲା, ଯେତେବେଳେ ରହସ୍ୟ କାହାଣୀକୁ ସାଧାରଣ ମନୋରଞ୍ଜନପୂର୍ଣ୍ଣ ରୋମାଞ୍ଚକର ପର୍ଯ୍ୟାୟରେ ରଖାଯାଇଥିଲା। ତେବେ ରହସ୍ୟ ରୋମାଞ୍ଚକୁ ନେଇ ଲେଖାଯାଉଥିବା କାହାଣୀ ଯେ ସାହିତ୍ୟର ଏକ ପ୍ରମୁଖ ଅଙ୍ଗ ପାଲଟିପାରେ, ତାହା କରି ଦେଖାଇଥିଲେ ବିଶ୍ୱ ସାହିତ୍ୟର ଦୁଇ ମହୀୟସୀ ମହିଳା। ଜଣେ ହେଉଛନ୍ତି ଆଗାଥା କ୍ରିଷ୍ଟି ଏବଂ ଆଉ ଜଣେ ଆନେ ରାଇସ୍।

**ଊନବିଂଶ ଓ ବିଂଶ ଶତାବ୍ଦୀର ସେତୁ:** ଆଗାଥା ହେଉଛନ୍ତି ଊନବିଂଶ ଶତାବ୍ଦୀର ମହାନାୟିକା। ଆନେ ହେଉଛନ୍ତି ବିଂଶ ଶତାବ୍ଦୀର ଉତ୍ତରାଧିକାରୀ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଅର୍ଥାତ୍ ୧୮୯୦ ମସିହା ସେପ୍ଟେମ୍ବର ୧୫ ତାରିଖରେ ବ୍ରିଟେନ୍‌ରେ ଜନ୍ମ ହୋଇଥିଲେ ଆଗାଥା। ମା’ କ୍ଲାରିସା ଥିଲେ ବ୍ରିଟେନ୍‌ର ନାଗରିକ। କ୍ଲାରିସାଙ୍କ ବାପା ଥିଲେ ଜଣେ ସେନାଧିକାରୀ। ସେଥିଲାଗି ତାଙ୍କୁ ସ୍ୱତନ୍ତ୍ର ନାଗରିକତ୍ୱର ସମ୍ମାନ ମିଳୁଥିଲା। ଆଗାଥାଙ୍କ ବାପା ଫ୍ରେଡେରିକ୍ ଆମେରିକୀୟ ଥିଲେ। ତାଙ୍କର ବୃତ୍ତି ଥିଲା ଷ୍ଟକ୍ ବ୍ରୋକରିଂ। ସେ ଆମେରିକାରେ ରହି ଷ୍ଟକ୍ ଦଲାଲି କରୁଥିଲେ। ଅପରପକ୍ଷରେ, ବିଂଶ ଶତାବ୍ଦୀର ମଧ୍ୟଭାଗ ଅର୍ଥାତ୍ ୧୯୪୧ ମସିହାରେ ଆମେରିକାର ନିୟୁ ଅରଲିନ୍ସଠାରେ ଆନେ ଜନ୍ମ ଗ୍ରହଣ କରିଥିଲେ। ମାସ ଓ ତାରିଖ ଥିଲା ଯଥାକ୍ରମେ ଅକ୍ଟୋବର ୪ ତାରିଖ। ଆନେଙ୍କ ବାପା ହାୱାର୍ଡ଼ ନୌସେନା ଅଧିକାରୀ ଥିଲେ। ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ପାଇଁ କାର୍ଯ୍ୟ କରିଥିଲେ। ଆନେଙ୍କ ମା’ଙ୍କ ନାମ ଥିଲା କ୍ୟାଥେରାଇନ୍। କ୍ୟାଥେରାଇନ୍ ଅନୁଶାସନଶୀଳ ମହିଳା ଥିଲେ।

**କୃତି:** ଊନବିଂଶ ଶତାବ୍ଦୀର ଜଣେ ବହୁମୁଖୀ ପ୍ରତିଭା ଥିଲେ ଆଗାଥା। ସେ ସବୁ ପ୍ରକାର ରଚନା କରିବାରେ ଧୁରନ୍ଧର ଥିଲେ। ତେବେ ତାଙ୍କର ଲେଖାଗୁଡ଼ିକୁ ମୁଖ୍ୟ ରୋମାଣ୍ଟିକ୍ ଚେତନା ସମ୍ବଳିତ ରହସ୍ୟ ପର୍ଯ୍ୟାୟର ବିବେଚନା କରାଯାଏ। ସେ ଗୁଇନ୍ଦା ତଥ୍ୟ ସମ୍ବଳିତ ଉପନ୍ୟାସ ତଥା ଗଳ୍ପ ରଚନାରେ ଥିଲେ ବେଶ୍ ପାରଙ୍ଗମ। ତାଙ୍କ ନାମରେ ରହିଛି ୬୬ଟି ରହସ୍ୟ ଉପନ୍ୟାସ ଏବଂ ୧୪ଟି କ୍ଷୁଦ୍ରଗଳ୍ପ ସଂକଳନ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ ଅନୁଯାୟୀ, ସେ ହେଉଛନ୍ତି ଜଣେ ସର୍ବକାଳୀନ ବେଷ୍ଟ-ସେଲିଂ ଉପନ୍ୟାସ ଲେଖିକା। ତାଙ୍କର ଉପନ୍ୟାସ ସବୁ ସାମଗ୍ରିକ ଭାବରେ ୪୦୦ କୋଟିରୁ ଅଧିକ କପି ବିକ୍ରି ହୋଇଛି। ସେହିଭଳି ତାଙ୍କର ଉପନ୍ୟାସ ସବୁ ବିଶ୍ୱର ପ୍ରାୟ ୧୦୩ରୁ ଅଧିକ ଭାଷାରେ ଅନୂଦିତ ହୋଇଛି। ଅପରପକ୍ଷରେ, ଆନେଙ୍କର ସବୁଠୁ ଅଧିକ ଲୋକପ୍ରିୟ ତଥା ପ୍ରଭାବଶାଳୀ ଉପନ୍ୟାସ ହେଉଛି ‘ଦି ଭାମ୍ପାୟାର କ୍ରନିକ୍ଲ’। ଏହି ସିରିଜ୍‌ରେ ତିନିଖଣ୍ଡ ପୁସ୍ତକ ଅନ୍ତର୍ଭୁକ୍ତ। ସେଗୁଡ଼ିକ ହେଉଛି– ‘ଇଣ୍ଟରଭ୍ୟୁ ୱିଥ୍ ଦି ଭାମ୍ପାୟାର’, ‘ଦି ଭାମ୍ପାୟାର ଲେଷ୍ଟାଟ୍’ ଏବଂ ‘କୁଇନ୍ ଅଫ୍ ଦି ଡାମ୍‌ଡ’ । ଭାମ୍ପାୟାର ସିରିଜ୍ ବ୍ୟତୀତ ତାଙ୍କ ଦ୍ୱାରା ରଚିତ ଅନ୍ୟ ପୁସ୍ତକଗୁଡ଼ିକ ହେଉଛି– ଦି ଫିଷ୍ଟ ଅଫ୍ ଅଲ୍ ସେଣ୍ଟ୍ସ, ସର୍ଭେଣ୍ଟ ଅଫ୍ ଦି ବୁନ୍‌ସ, ଏକ୍ଜିଟ୍ ଟୁ ଇଡେନ୍। ସାମ୍ପ୍ରତିକ ଆମେରିକୀୟ ଲେଖକମାନଙ୍କ ମଧ୍ୟରେ ଆନେ ହେଉଛନ୍ତି ଜଣେ ଅତି ପ୍ରଭାବଶାଳୀ ଲେଖିକା। ତାଙ୍କୁ ଆମେରିକାର ବହୁ ପଠିତ ଲେଖିକା ବୋଲି ମଧ୍ୟ କୁହାଯାଇଥାଏ।




**ପିଲାବେଳ, ପାଠପଢ଼ା:** ପରିବାରର ତୃତୀୟ ସନ୍ତାନ ଥିଲେ ଆଗାଥା। ପାରିବାରିକ ସ୍ଥିତି ସ୍ୱଚ୍ଛଳ ଥିଲା। ତେଣୁ ତାଙ୍କର ପିଲାବେଳ ସୁଖରେ କଟିଥିଲା। ଏହାସତ୍ତ୍ୱେ ସେ ଡେରିରେ ପାଠପଢ଼ା ଆରମ୍ଭ କରିଥିଲେ। ତା’ର କାରଣ ମା’ଙ୍କର ଅନ୍ଧବିଶ୍ୱାସ। ମା’ କ୍ଲାରିସା ବିଶ୍ୱାସ କରୁଥିଲେ ଯେ, ଝିଅମାନେ ଅତିକମ୍‌ରେ ୮ବର୍ଷ ନହେବା ଯାଏ ସେମାନଙ୍କୁ ସ୍କୁଲ୍‌କୁ ପଠେଇବା ଉଚିତ ନୁହେଁ। ତେଣୁ ଇଚ୍ଛା ଥିଲେ ବି ଆଗାଥା ସ୍କୁଲ୍‌କୁ ଯାଇପାରି ନଥିଲେ। ଆଗାଥା ପିଲାଟି ବେଳୁ ଭାରି କଳ୍ପନାବିଳାସୀ ଥିଲେ। ସେ ଗପ ଶୁଣିବାକୁ ଭଲ ପାଉଥିଲେ। ସେଥିଲାଗି ସେ ବାଲ୍ୟାବସ୍ଥାରୁ ନିଜ ଭିତରେ କାଳ୍ପନିକ ଚରିତ୍ର ତିଆରି କରି ପକେଇଥିଲେ। ଅପରପକ୍ଷରେ, ଦୟନୀୟ ଅବସ୍ଥା ଆନେଙ୍କୁ ପାଠ ପଢ଼ିବା ପାଇଁ ଦେଇ ନ ଥିଲା। ତାଙ୍କର ପିଲାବେଳ ଅତ୍ୟନ୍ତ ଦାରିଦ୍ର୍ୟରେ କଟିଥିଲା। ପୁଣି ଉଭୟ ମା’ବାପା ଆଲ୍‌କୋହଲ୍ ଆଡିକ୍ଟ ହୋଇଥିବା ହେତୁ ପିଲାମାନଙ୍କ ପ୍ରତି ସେମାନଙ୍କର କୌଣସି ନିଘା ନ ଥିଲା। ଆନେ ଓ ତାଙ୍କର ଅନ୍ୟ ଭାଇଭଉଣୀମାନେ ତାଙ୍କ ଆଈଙ୍କ ପାଖରେ ରହୁଥିଲେ। ମା’ବାପାଙ୍କ ମଧ୍ୟରେ ସୁସମ୍ପର୍କ ନ ଥିଲା। ସେମାନେ ପରସ୍ପରଠାରୁ ଦୂରରେ ରହୁଥିଲେ। ଏଭଳି ଅବସ୍ଥାରେ ଦିନେ ତାଙ୍କ ମା’ଙ୍କର ଦେହାନ୍ତ ଘଟିଲା। ବାପା ପୁନଶ୍ଚ ବିବାହ କଲେ। ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇଉଠିଲା। ତା’ ସତ୍ତ୍ୱେ ଆନେ ପାଠପଢ଼ାକୁ ତାଙ୍କ ଜୀବନର ଏକମାତ୍ର ବ୍ରତ କରିଥିଲେ।

ଏହାସତ୍ତ୍ୱେ ଏଇ ଦୁଇ ଲେଖିକା ଆଜି ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରନ୍ତି।

# ବୈଶାଖୀ ବାଆ

-ପ୍ରତିଭା ସାହୁ

ଅପୂର୍ବ ତୋ ମୁଖମଣ୍ଡଳ
ସେ ତ ଅବର୍ଣ୍ଣନୀୟ,
ଯେଦିନୁ ଦେଖିଲି ସେଦିନୁ
ମନ ମୋର ଅଥୟ ।
ଆଉ କି ଦେଖିବି ସେ ରୂପ
ଖାଲି ବୃଥା ଭାବନା,
ଅସମ୍ଭବ ଚିଜ ମୋ ଭାଗ୍ୟେ
କେବେ ମିଳିପାରେନା ।
ଜାଣିଛି ମୁଁ ଅଟେ ବାମନ
ତୁ ତ ଦୂର ଜୋଛନା,
କର ବଢ଼ାଇବା ମୋ ପାଇଁ
ହାସ୍ୟାସ୍ପଦ ଲୋ ସିନା ।
ଭୁଲିପାରୁଛି କି ତୋ ରୂପ
ସ୍ୱତଃ ସ୍ମରଣ ହୁଏ,
ଭୁଲିବା ଚେଷ୍ଟା ମୋ ଅନ୍ତରେ
କଷ୍ଟ ବଢ଼ାଇଦିଏ ।
ଏ ଜୀବନେ ଆଉ ଦେଖିବି
ନାହିଁ ମୋ ମନେ ଆଶା,
କାଆଗେ ଏ କଥା କହିବି
ନାହିଁ ମୋ ପାଖେ ଭାଷା ।
ଯେ ଦେଶେ ରହିଛୁ ଯେଉଁଠି
ତୁହି ଭଲରେ ଥାଆ,
ତୁ ଥିଲୁ ମୋ ପାଇଁ ସତରେ
ଗୋଟେ ବୈଶାଖୀ ବାଆ ।

-ତାମ୍ରିତ୍ କଲୋନୀ, ଅନୁଗୋଳ



# ଅପେକ୍ଷା

– ଅଲେଖ ଚନ୍ଦ୍ର ମିଶ୍ର

ରାତି କେତେବେଳୁ ପାହିଲାଣି । ଅଗଣାରେ ଖରା ବଞ୍ଚିହୋଇ ପଡ଼ିଲାଣି । ଏ ଯାଏ ପୁଅବୋହୂଙ୍କର ନିଦ ଭାଙ୍ଗିନି । ଦରଜା ପାଖରେ ଇତସ୍ତତଃ ହେଉଥିଲେ ଅମ୍ବିକା । ମନେ ପକାଉଥିଲେ ତାଙ୍କର ଏଇ ବୟସର କଥା । ସେ ଯେତେବେଳେ ବୋହୂ ହୋଇ ଆସିଥିଲେ, ତାଙ୍କୁ କିଛି ବତେଇବା ଦରକାର ହେଉ ନ ଥିଲା । ସବୁ କାମ ସେ ନିଜେ ନିଜେ କରି ନେଉଥିଲେ । ଶାଶୁଘରର ଶଣ୍ଢଣା ଓ କଟକଣା ଭିତରେ ବେଳେ ବେଳେ ଅଣନିଃଶ୍ୱାସୀ ହୋଇପଡ଼ି ଭାବୁଥିଲେ କେବେ ସେ ଶାଶୁ ହେବେ ଓ ବୋହୂ ତାଙ୍କ ହାତରୁ ସବୁ କାମ ଛଡ଼େଇବ । ସେତିକିବେଳେ ସେ ଟିକେ ଆରାମରେ ନିଃଶ୍ୱାସ ମାରିବେ । ଏ ଝଂଝଟରୁ ମୁକ୍ତି ମିଳିବ.....ଅଥଚ....

ହଠାତ୍ ଦରଜା ଖୋଲା ହେବାର ଶବ୍ଦରେ ଭାବନାରେ ତାଙ୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା । ନିଦ ମଳ ମଳ ଆଖିରେ ଆସୁଥିବା ବୋହୂ ତାଙ୍କୁ କୁଣ୍ଢେଇ ପକେଇ ଅଳି କରୁଥିଲା, ମୋ ସୁନାବୋଉ, ଚା ଟିକେ କରିଦିଅନା । ସକାଳୁ ଅଭ୍ୟାସ ତ ।

କହିବା ଦରକାର ନ ଥିଲା । ସକାଳୁ ଚା । ତା' ପରେ ଜଳଖିଆ, ତା' ପରେ ବାସନ ମଜା । ପରିବା କଟା, ଦି ପହର ପାଇଁ ରୋଷେଇର ଯୋଗାଡ଼ ଇତ୍ୟାଦି । ଖୁବ୍ ସନ୍ତର୍ପଣରେ ତାଙ୍କ ଦ୍ୱାରା ସବୁ କାମ କରେଇନେବ ବୋହୂ । ଦିନ ଦିନ । ମାସ ମାସ । ସେ ଖାଲି ଅପେକ୍ଷା କରିଥିବେ ସେଇ ସୁଦିନକୁ ଯେବେ ସେ ଶାଶୁର ମର୍ଯ୍ୟାଦା ପାଇବେ । କାମରୁ ଅବସର ନେବେ ।

*-ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର*
*ୟୁନିଟ-୪, ଭୁବନେଶ୍ୱର*





# ବିଦ୍ରୋହୀ କଇଁ

*-ମିନର୍ଭା ସାହୁ*

ରାତିସାରା ବର୍ଷା,
ପୁଣି ସେଇ ନୀରବତା
ଏଇ ଅଚିହ୍ନା ଶ୍ରାବଣ,
ଆଉ ସିକ୍ତ ମାଟିର ବାସ୍ନା ।

କବରୀରେ ଲେଖାଥିଲା ତୋର,
ଶ୍ରାବଣର ବାରିଧାରା,
ପୁନେଇଁର ଜହ୍ନ,
ଆଉ ନିର୍ଜନତାର ମାଦକତା ।

ପୁଣି କାହିଁକି ଯେ ଆନମନା ହୁଏ ଆଜି
ବିଦ୍ରୋହୀ କଇଁଟା ।
ସେ ଇତିହାସର ପୃଷ୍ଠାରେ
କେବେ ସାଜିଥିଲା ଦିନେ
ସପନର ନୀଳନୟନା ।

*– ନଏଡା (ଦିଲ୍ଲୀ, ଏନ୍‌ସିଆର୍)*



# ଦୃଢ଼ମନା ଇମ୍ରାନ୍

ଇମ୍ରାନ୍ ହାସମୀଙ୍କ କଥା ପଡିଲେ କିସ୍ ସିନ୍ କଥା ମନକୁ ଚାଲି ଆସିଥାଏ। ଏପରି କି ତାଙ୍କୁ ବଲିଉଡ୍‌ର କିସ୍ ମାଷ୍ଟର ଭାବରେ ସମ୍ବୋଧନ କରାଯାଏ। ହେଲେ ଏଣିକି ସେ ଆଉ ଏପରି ଶଟ୍ ଦେବେ ନାହିଁ ବୋଲି ମାଇଣ୍ଡ୍ ମେକ୍‌ଅପ୍ କରିଛନ୍ତି। ନିକଟରେ ଏହାର ଉଦାହରଣ ମଧ୍ୟ ଦେଖିବାକୁ ମିଳିଛି। ନିକଟରେ ତାଙ୍କ ଅଭିନୀତ 'ଚେହେରେ'ର ଶୁଟିଂ ସେଟ୍‌ରେ ଏପରି ଘଟଣା ଘଟିଥିଲା। ଜଣେ ନୂଆ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ଇମ୍ରାନ୍‌ଙ୍କୁ ସାଇନ୍ କରାଇବାକୁ ଚାହିଁଥିଲେ। ଯେତେବେଳେ ଦୁହିଁଙ୍କ ଭିତରେ ସାକ୍ଷାତ୍ ହେଲା ଆଉ ଇମ୍ରାନ୍ କାହାଣୀ ଏବଂ ନିଜ ଭୂମିକା ବିଷୟରେ ଅବଗତ ହେଲେ, ସେତେବେଳେ ତାଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଫଳରେ ସେ ଏହି ଅଫରକୁ ଗ୍ରହଣ କରିଥିଲେ। ହେଲେ କିଛି ସମୟ ପରେ ସେହି ପ୍ରଯୋଜକ ଯାହା କହିଲେ ତାହା ଶୁଣି ତାଟକା ହୋଇଯାଇଥିଲେ ଇମ୍ରାନ୍। ଏହି ଫିଲ୍ମରେ ୨-୩ଟି କିସ୍ ଶଟ୍ ଯୋଡ଼ାଯିବ। ଏକଥା ଶୁଣିବା ପରେ ଇମ୍ରାନ୍ ଡେରି ନ କରି ସିଧାସଳଖ ମନା କରି ଦେଇଥିଲେ। ତେବେ ଦୃଢ଼ମନା ଇମ୍ରାନ୍ କେତେଦିନ ନିଜ ଜିଦ୍‌ରେ ଅଟଳ ରହୁଛନ୍ତି ଦେଖିବାକୁ ବାକି ରହିଲା।

# କଥା ୧୪ କୋଟିର

ଭାରତକୁ ପ୍ରଥମ କ୍ରିକେଟ୍ ବିଶ୍ୱକପ୍ ଟାଇଟଲ ବିଜୟୀ କରାଇଥିବା ଖ୍ୟାତନାମା ଅଲ୍‌ରାଉଣ୍ଡର କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ ହେବାକୁ ଯାଉଛି ହିନ୍ଦୀ ସିନେମା '୮୩'। ଏହି ବାୟୋପିକ୍‌ରେ କପିଳ ଭୂମିକାରେ ଅଭିନୟ କରୁଛନ୍ତି ରଣବୀର। ହେଲେ ଏଥିରେ ତାଙ୍କର ପତ୍ନୀ ରୋମି କିଏ ସାଜିବେ? ନିକଟରେ ଏପରି ଆଲୋଚନାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ପ୍ରଯୋଜକ। ଏହି ଭୂମିକା ପାଇଁ ରଣବୀରଙ୍କ ଧର୍ମପତ୍ନୀ ଦୀପିକାଙ୍କୁ ସାଇନ୍ କରାଯାଇଛି। ହେଲେ ଶୁଣିବାକୁ ମିଳୁଛି, ଏପରି ସେକେଣ୍ଡ ଲିଡ୍ ଭୂମିକା ପାଇଁ ପ୍ରଥମେ ସେ ରାଜି ନ ଥିଲେ। ହେଲେ ପାରିଶ୍ରମିକ ବଢ଼ିବା ପରେ ସେ କୁଆଡେ ହଁ ଭରିଥିଲେ। ଏହି ଫିଲ୍ମ ପାଇଁ ଦୀପିକା କୁଆଡ଼େ ପାରିଶ୍ରମିକ ଆକାରରେ ୧୪ କୋଟି ନେଉଛନ୍ତି ବୋଲି ଆଲୋଚନା ହେଉଛି। ହେଲେ ଏକଥା ପଛରେ କେତେ ସତ୍ୟତା ରହିଛି, ତାହା ରଣବୀରଙ୍କୁ ପଚାରିବା ପରେ ସେ ଏ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି ସଫେଇ ଦେଇଥିଲେ। ସେପଟେ ଦୀପିକା ବେଶ୍ ଚତୁରତାର ସହ କହିଛନ୍ତି, ଏହି ଫିଲ୍ମରେ ମୋ ମନ ମୁତାବକ ପାରିଶ୍ରମିକ ମୋତେ ମିଳିଛି। ସେ ବିଷୟରେ ଆଲୋଚନା କରି କିଛି ଲାଭ ନାହିଁ। କବୀର ଖାଁଙ୍କ ନିର୍ଦ୍ଦେଶନାରେ ଏହାର ଶୁଟିଂ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ଏବଂ ଫିଲ୍ମଟି ଆସନ୍ତାବର୍ଷ ଏପ୍ରିଲ ୧୦ରେ ରିଲିଜ୍ ହେବ।


ଦୀପିକା

# କେତେବେଳେ ରୁହି, କେତେବେଳେ ଆଫ୍‌ସାନା

ରୁହି ପୁଣି ଆଫ୍‌ସାନା ଦୁଇଟି ଭିନ୍ନ ଭିନ୍ନ ଚରିତ୍ର। ହେଲେ ଏପରି ରିସ୍କ ନେଇ ଦର୍ଶକଙ୍କ ମନକୁ ଛୁଇଁବାକୁ ଆଶା ରଖିଛନ୍ତି ଶ୍ରୀଦେବୀ ତନୟା ଜାହ୍ନବୀ। କଥା କ'ଣ କି ତାଙ୍କ ଅଭିନୀତ ହିନ୍ଦୀ ସିନେମା 'ରୁହିଅଫଜା' ଶୁଟିଂ ଚାଲୁ ରହିଛି। ହେଲେ ଏଥିରେ ଜାହ୍ନବୀ ଡବଲ ରୋଲ୍‌ରେ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୋତେ ଯେତେବେଳେ ଏହି ଅଫର ମିଳିଲା, ମୁଁ ଦୋଛକିରେ ପଡ଼ିଯାଇଥିଲି। କାରଣ ଏବେ ବଲିଉଡ୍‌ରେ ମୋ କ୍ୟାରିୟର ଆରମ୍ଭ ହୋଇଛି। ପୁଣି ଏବେ ମିଳିଛି ଡବଲ ରୋଲ୍। ହେଲେ ନିର୍ଦ୍ଦେଶକ ହାର୍ଦ୍ଦିକ ମେହେଟ୍ଟା ମୋ ଟେନ୍‌ସନକୁ ଅଧା କମାଇ ଦେଇଥିଲେ। ସେ ମୋତେ ଯେଉଁ କେତୋଟି ଟିପ୍ସ ଦେଇଥିଲେ, ତାହା ମୋତେ ବେଶ୍ ସାହାଯ୍ୟ କରୁଛି। ଏପରି ଭୂମିକାକୁ ନେଇ ମୁଁ ବେଶ୍ ଆଶାବାଦୀ। ବାକି କ'ଣ ହେବ ତାହା ଫିଲ୍ମଟି ରିଲିଜ୍ ହେଲେ ଜଣାପଡ଼ିବ। ଏହି ହରର୍-କମେଡ଼ି ଫିଲ୍ମର କାହାଣୀ ଅନୁସାରେ ଏକ ଭୂତ ବରମାନଙ୍କୁ ମୋହଗ୍ରସ୍ତ କରି ଶୁଆଇ ଦେଇ କନ୍ୟାମାନଙ୍କୁ ହଇରାଣ କରୁଛି। ଚିତ୍ରର ଶୁଟିଂ ଏବେ ଭାରତର ବିଭିନ୍ନ ସ୍ଥାନରେ ଚାଲୁ ରହିଛି ଏବଂ ଏହା ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଜାହ୍ନବୀ

# ଘାରିଛି ବ୍ୟାଡ୍‌ମିଣ୍ଟନ ନିଶା

ପରିଣୀତି ଚୋପ୍ରାଙ୍କୁ ଏବେ ବ୍ୟାଡ୍‌ମିଣ୍ଟନ ନିଶା ଘାରିଛି। ସମୟ ମିଳିଲାମାତ୍ରେ ସେ ର୍ୟାକେଟ୍ ଏବଂ କର୍କ ଧରି ପଡ଼ିଆକୁ ବାହାରି ଯାଉଛନ୍ତି। ପୁଣି ପ୍ରତିଦିନ ଏଥିପାଇଁ କିଛି ସମୟ ସେ ଯେମିତି ହେଲେ ବାହାର କରୁଛନ୍ତି। ହେଲେ କ'ଣ ପାଇଁ? ସମସ୍ତେ ପ୍ରାୟ ଜାଣନ୍ତି ଯେ, ଭାରତର ଲୋକପ୍ରିୟ ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହେୱାଲଙ୍କ ଜୀବନୀକୁ ନେଇ ଏକ ହିନ୍ଦୀ ସିନେମା ନିର୍ମିତ ହେଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ପରିଣୀତି। ପୁଣି ଏହି ରୋଲ୍ ମିଳିବା ପଛରେ ଏକ କାହାଣୀ ରହିଛି। ପ୍ରଥମେ ଏଥିପାଇଁ ଶ୍ରଦ୍ଧା କପୁରଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଠିକ୍ ବେଳକୁ ଚକା ଓଲଟି ଗଲା ଏବଂ କାଷ୍ଟିଂରୁ ଶ୍ରଦ୍ଧାଙ୍କୁ ଆଉଟ୍ କରି ପରିଣୀତିଙ୍କୁ ସାଇନ୍ କରାଯାଇଥିଲା। ଏହାର ଶୁଟିଂ ସମୟରେ ପରିଣୀତି ବ୍ୟାଡ୍‌ମିଣ୍ଟନ ମାୟାରେ ପଡିଯାଇଛନ୍ତି। ଏ ବିଷୟରେ ସେ କହନ୍ତି, ''ବ୍ୟାଡ୍‌ମିଣ୍ଟନ ଖେଳରେ ଏତେ ମଜା ରହିଛି ଜାଣି ନ ଥିଲି। ଯେତେବେଳେ ମୁଁ ସାଇନାକୁ ଭେଟିଲି ଏବଂ ଏ ବିଷୟରେ କଥା ହେଲି, ବ୍ୟାଡ୍‌ମିଣ୍ଟନ ଖେଳିବାକୁ ମୋ ମନ ଆହୁରି ଆକର୍ଷିତ ହୋଇଥିଲା। ଏବେ ଯେତେବେଳେ ସମୟ ମିଳୁଛି, ବ୍ୟାଡ୍‌ମିଣ୍ଟନ ଖେଳୁଛି। ଏହାଦ୍ୱାରା ଏକରକମ ଏକ୍ସରସାଇଜ ହୋଇଯାଉଛି।''


ପରିଣୀତି

# କ'ଣ କରୁଛନ୍ତି ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବେ କ'ଣ କରୁଛନ୍ତି! ସେ ଏବେ ତ ବିଦେଶ ଭ୍ରମଣରେ ଅଛନ୍ତି। କାରଣ ସେଠାରେ ତାଙ୍କର ଏକ ଫିଲ୍ମ ଶୁଟିଂ ଚାଲିଛି। ହେଲେ ଅସଲ କଥା କ'ଣ ଜାଣନ୍ତି ? ତାଙ୍କ ପ୍ରେମିକ ରୋହନ ଶ୍ରେଷ୍ଠା ମଧ୍ୟ ସେଠାରେ ଡେରା ପକାଇଛନ୍ତି। ହେଲେ ଏକଥା ତାଙ୍କୁ ଜଣାନାହିଁ ବୋଲି ସଫେଇ ଦେଇଛନ୍ତି ଶ୍ରଦ୍ଧା। ସେ କହନ୍ତି, ''ରୋହନ ଏଠାକୁ ଆସିଛନ୍ତି କି ନାହିଁ ମୁଁ ଜାଣିନି। ଯଦି ସେ ଆସିଛନ୍ତି, ତେବେ ତାଙ୍କର କିଛି ବ୍ୟକ୍ତିଗତ କାମ ଥିବ। ଏଠାରେ ମୁଁ ତାଙ୍କ ସହ ଡେଟିଂ କରୁଛି ବୋଲି ଯାହା ଆଲୋଚନା ହେଉଛି ତାହା ମିଛ।'' ସୂଚନାଯୋଗ୍ୟ, ନିର୍ମାଣାଧୀନ ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି'ର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି।


ଶ୍ରଦ୍ଧା

# ହୀରାଲାଲ୍‌ଙ୍କର ଆଶା

ହୀରାଲାଲ ଜଣେ ଗୀତିନାଟ୍ୟ ଅଭିନେତା। ହେଲେ ଆଖିରେ ଆଖିଏ ସ୍ୱପ୍ନ। କେମିତି ଥରେ ବଡ଼ ପରଦାରେ ମୁହଁ ଦେଖାଇବ ସେ ନେଇ ଦିନ ଗଣୁଛି। ଥରେ ତାହାର ଜଣେ ସିନେମା ନାୟିକାଙ୍କ ସହ ଦେଖାହୋଇଯାଏ। ଆଉ ତା'ପରେ ଚଳଚ୍ଚିତ୍ରରେ ଅଭିନୟ କରିବା ଆଶା ଦ୍ୱିଗୁଣିତ ହୋଇଯାଏ। ହେଲେ ହୀରାଲାଲ୍‌ର ଏପରି ସ୍ୱପ୍ନ ସାକାର ହୁଏ କି? ତା' ଭିତରେ ସେ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଏ। ସେହି ପ୍ରେମ ସଫଳ ହୁଏ ତ? ଏସବୁର ଉତ୍ତର ରହିଛି ନୂଆ ଓଡ଼ିଆ ସିନେମା 'ହୀରାଲାଲ ମୋତିଲାଲ୍'ରେ। କମେଡ଼ିଭିତ୍ତିକ ଏହି ଫିଲ୍ମର ହୀରାଲାଲ୍ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ହାସ୍ୟାଭିନେତା ଅମର। ପ୍ରଥମ ଥର ପାଇଁ ସେ ଓଡ଼ିଆ ସିନେମାରେ ନାୟକ ଭାବରେ ଦେଖାଦେବେ। ଆଉ ଏପରି ଏକ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସେ। ମୁନ୍ ଟିଭି ବ୍ୟାନରରେ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା ଏବଂ ବିନ୍ନି ପଟ୍ଟନାୟକ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ଡ. ଦୀପକ ଜେନା ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକର ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଅମରଙ୍କ ବ୍ୟତୀତ ଏହି ଫିଲ୍ମରେ ସଲିଲ ମିତ୍ର, ଜୀବନ ପଣ୍ଡା, ସୁମନ, ଗୁଣ୍ଡୁ, ରବି ମିଶ୍ର, ହାଡୁ, ବାଳକୃଷ୍ଣ, ଅମ୍ରିତା ଏବଂ କୁଇନ୍ ଅଭିନୟ କରିଛନ୍ତି। ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଫିଲ୍ମଟି ଚଳିତବର୍ଷ ଜୁଲାଇ ଶେଷ ସପ୍ତାହରେ ରିଲିଜ୍ ହେବାର ଯୋଜନା ରହିଛି।


ଅମର

ପ୍ରଥମ ରୋଜଗାର

# ପ୍ରଥମ ଦରମା ଥିଲା ୧୨ଟଙ୍କା



**ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଆଦର୍ଶ ଶିକ୍ଷକ ବୀରେନ୍ଦ୍ର ସାମନ୍ତରାୟ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ମୋର ଜନ୍ମ ୧୯୪୬ ମସିହା ଜୁଲାଇ ୧୧ ତାରିଖ। ଆମ ଘର ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ୍ ପାଳସାହିରେ। ବାପା ନିଧି ଖଟେଇ ଓ ମା' ହେମଦେବୀ। ଦୁଇ ଭାଇ ଗୋଟିଏ ଭଉଣୀ ଭିତରେ ମୁଁ ବଡ଼ ପୁଅ। ମୋର ପାଠ ଆରମ୍ଭ ଆମ ଗାଁ ଚାଟଶାଳୀରୁ। ତା'ପରେ ରାଜସ ଗୋପବନ୍ଧୁ ଏମ୍ଇ ସ୍କୁଲରୁ ମାଇନର ପାସ୍ ପରେ ପୁରୀ ଜିଲା ବଳଙ୍ଗା ହାଇସ୍କୁଲରୁ ୧୯୬୩ ମସିହାରେ ମାଟ୍ରିକ ପାସ୍ କଲି। ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ଅଧିକ ପାଠ ପଢ଼ିବା ଛାଡ଼ି ଚାକିରି କରିବାକୁ ନିଷ୍ପତ୍ତି ନେଲି। ରାଜ୍ୟ ଖଦି ବୋର୍ଡରେ କିରାଣି ଚାକିରି ବି ମିଳିଥିଲା। କିନ୍ତୁ ବାହାରେ ନ ରହି ଗାଁରେ ରହିବି ଆଉ ଗାଁ ପାଇଁ କିଛି କରିବି ଏହି ନିଷ୍ପତ୍ତି ନେଇ ସେ ଚାକିରି ଛାଡ଼ିଲି। ତା'ପରେ ସୁନୁଗୋରଡ଼ି ଏମ୍ଇ ସ୍କୁଲରେ ୧୯୬୩ ମସିହା ଜୁଲାଇ ମାସରେ ଚାକିରିରେ ଯୋଗଦେଲି। ସେ ସ୍କୁଲରେ ସେତେବେଳେ ବିଧିବଦ୍ଧ ଦରମା ବ୍ୟବସ୍ଥା ନ ଥାଏ। ସରକାରଙ୍କ ଅନୁଦାନ ଓ ପିଲାଙ୍କ ସ୍କୁଲ ଫିସ୍କୁ ମିଶାଇ ଦରମା ଦିଆଯାଉଥିଲା। ପିଲାଙ୍କଠାରୁ ଏକଟଙ୍କା ପଚିଶ ପଇସା ଦରମା ବାବଦରେ ଆଦାୟ ହେଉଥିଲା। ଆଠଟି ପିଲାଙ୍କଠାରୁ ଆଦାୟ ହୋଇ ମୁଁ ୧୨ଟଙ୍କା ଦରମା ପାଇଥିଲି। ସେ ପଇସା ଆଣି ବାପାଙ୍କୁ ଦେଇଥିଲି। ଆଉ ବାପା ତାକୁ ଘର ଖର୍ଚ୍ଚରେ ଲଗାଇଥିଲେ। ସେଠାରେ ଦେଢ଼ବର୍ଷ ରହିବା ପରେ ତେଇଶପୁର ସ୍କୁଲକୁ ଆସିଲି। ଏଠାରେ ମୋର ଦରମା ଥିଲା ୮୦ଟଙ୍କା। ଦରମା ବାବଦକୁ ମୁଁ ଥରେ ଗୋଟେ ଶହେ ଟଙ୍କା ଆଣି ବାପାଙ୍କୁ ଦେଲି। ବାପା ଟଙ୍କାଟିକୁ ହାତରେ ଧରି ଦେଖିଲେ, କାରଣ ସେତେବେଳେ ବାପା ଆଗରୁ କେବେ ଶହେ ଟଙ୍କା ଦେଖି ନ ଥିଲେ। ବାପା କହିଲେ, ଏ ଟଙ୍କାଟିକୁ ଖର୍ଚ୍ଚ ନ କରି ରଖିଦେବା। ମୁଁ ତାଙ୍କୁ ମନାକରି କହିଲି ଏମିତି ଟଙ୍କା ଆଉ ଆସିବ। ତେଣୁ ତମେ ଏହାକୁ ଖର୍ଚ୍ଚ କର। ବହୁତ କହିବା ପରେ ବାପା ସେ ଟଙ୍କାଟିକୁ ଖର୍ଚ୍ଚ କରିଥିଲେ। ଏଠାରେ ବି ଦେଢ଼ବର୍ଷ ରହିବା ପରେ ନିଜ ଗାଁରେ ସ୍କୁଲ କରିବି ବୋଲି ଚାକିରି ଛାଡ଼ିଦେଲି। ୧୯୬୬ ମସିହାରେ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ମୃତିରେ ଗାଁରେ ଶାସ୍ତ୍ରିଜୀ ଏମ୍ଇ ସ୍କୁଲ ସ୍ଥାପନ କଲି। ପରେ ସରକାରୀ ନିର୍ଦ୍ଦେଶମତେ ଏହି ସ୍କୁଲ ଶାସ୍ତ୍ରିଜୀ ନୋଡାଲ ୟୁପି ସ୍କୁଲ ହେଲା। ସେହି ସ୍କୁଲରେ ହେଡ୍ମାଷ୍ଟର ଭାବରେ ୩୯ ବର୍ଷ ୧୮ ଦିନ କାମ କରିବା ପରେ ଅବସର ନେଲି। ପାଳସାହିରେ ମଧୁବନ ଉଚ୍ଚ ବିଦ୍ୟାଳୟ ମଧ ପ୍ରତିଷ୍ଠା କରିଛି। ଏହାଛଡ଼ା ଗାଁରେ ଡାକଘର, ଶିଶୁ ସାହିତ୍ୟ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର ଆଦି ସ୍ଥାପନ କରିଛି। ତେବେ ଏସବୁ ଭିତରେ ପ୍ରଥମରୁ ମୋ ଲେଖାଲେଖି ଦିଗଟି ସେମିତି ଚାଲି ଆସିଛି। ୧୯୫୯ ମସିହାରେ ସାପ୍ତାହିକ ମିନାବଜାରରେ ପ୍ରଥମ ଲେଖା ପ୍ରକାଶ ପାଏ। ତା'ପରେ ଆସନ୍ତାକାଲି, ଶିଶୁରାଇଜ, ବାରମଜା, ମନପବନ ଆଦି ସବୁ ପତ୍ରପତ୍ରିକା ଓ ପିଲାଙ୍କ ପାଇଁ ପ୍ରକାଶିତ ବହିରେ ମୋର ଲେଖା ନିୟମିତ ବାହାରେ। ଟୁଉକୁ ମୂଷୀ, ଛାତ୍ରସାଥୀ, ବିଜ୍ଞାନ ସୌରଭ, ଶିଶୁସାହିତ୍ୟ ସମାଚାରର ସମ୍ପାଦନା ଦାୟିତ୍ୱ ବି ନେଇଛି। ପିଲାଙ୍କ ପାଇଁ ଶିଶୁ କିଶୋର ଉପନ୍ୟାସ, ପୁରାଣ କାହାଣୀ, ଭ୍ରମଣ କାହାଣୀ ଓ ଉତ୍କଳ ପ୍ରଦୀପ ଗ୍ରନ୍ଥମାଳା ପ୍ରକାଶ କରିଛି। ପିଲାଙ୍କ ପାଇଁ ବିଶ୍ୱକୋଷ ବି ବାହାର କରିଛି। ଏବେ ଓଡ଼ିଶା ଶିଶୁ ସାହିତ୍ୟ ଏକାଡେମୀର ସଭାପତି ଅଛି। ପିଲାଙ୍କ ଛଡ଼ା ବଡ଼ମାନଙ୍କ ପାଇଁ ଗାଁର କାହାଣୀ, ଗାଁର କଥା ଆଦି ଅନେକ ଲେଖା ରହିଛି। ଏବେ ଓଡ଼ିଶାର ପ୍ରତିଭାମାନଙ୍କ ପରିଚୟକୁ ନେଇ ଏନ୍ସାଇକ୍ଲୋପେଡିଆ ଉତ୍କଳ ପ୍ରଦୀପର କାମ ଚାଲିଛି। ଏଥିରେ ପ୍ରାୟ ୧୦ ହଜାର ଓଡ଼ିଆଙ୍କ ପରିଚୟ ଓ ଫଟୋ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଶିଶୁ ସାହିତ୍ୟ ସମିତି ଦ୍ୱାରା ପିଲାଙ୍କ ଉତ୍କଳମଣି ପୁସ୍ତକ ପାଇଁ ପ୍ରଥମ ପୁରସ୍କାର ମିଳିଥିଲା। ଏହାପରେ 'ରାଜାର ସ୍ୱପ୍ନ' ପାଇଁ ତତ୍କାଳୀନ ଉପରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମାଙ୍କଠାରୁ ପୁରସ୍କାର ଓ ମାନପତ୍ର ପାଇବା ପରେ ଏହି ବହିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବି ମିଳିଥିଲା। ଏହାପରେ ପ୍ରଜାତନ୍ତ୍ର ବିଷୁବ ମିଳନ ଶିଶୁ ସାହିତ୍ୟ ପୁରସ୍କାର, ମିନାବଜାର ପୁରସ୍କାର, ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। ତେବେ ମୋର ଗୋଟିଏ ମାତ୍ର ଇଚ୍ଛା ଓଡ଼ିଶା ପାଇଁ, ମୋ ଗାଁ ପାଇଁ ବିଶେଷକରି ଛୋଟ ପିଲାମାନଙ୍କ ପାଇଁ ବହୁତ କିଛି କରିବାର ଅଛି।

–ରୋଜାଲିନ୍

---

ସାଥୀ

# ସୁନ୍ଦରୀ ମୁହଁରେ ମୁରୁକି ହସ, ସେଥିରୁ ଝରୁଛି ପ୍ରେମର ରସ



**ପ୍ରଶ୍ନ–** ଜଣେ ସୁନ୍ଦରୀ ମୋତେ ଦେଖି ତେରଛା ହସି ଚାଲିଯାଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି?

*– ପ୍ରସନ୍ନ ନାୟକ, ବାଲେଶ୍ୱର*

**ଉତ୍ତର:** ଆପଣ ଡେରି କରୁଛନ୍ତି କାହିଁକି ଜଣାପଡୁନାହିଁ। ଯେତେବେଳେ ସେହି ସୁନ୍ଦରୀର ତେରଛା ହସରେ ଘାଇଲା ହୋଇ ସାରିଲେଣି, ଆଉ ପ୍ରେମ କରିବାକୁ ଅଣ୍ଟା ଭିଡ଼ିଲେଣି ସେତେବେଳେ ପାଦ ପଛକୁ ନୁହେଁ; ଆଗକୁ ପଡ଼ିବା ଦରକାର। ସୁନ୍ଦରୀର ସେହି ହସକୁ ଥରେ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। 'ସୁନ୍ଦରୀ ମୁହଁରେ ତେରଛା ହସ, ସେଥିରୁ ଝରୁଛି ପ୍ରେମର ରସ'। ବାସ୍, ଆଉ ଡେରି ନ କରି ସମୟ ସୁବିଧା ଦେଖି ମନର କଥା ସେ ସୁନ୍ଦରୀ ସାମ୍ନାରେ ଖୋଲି ପକାନ୍ତୁ।

**ପ୍ରଶ୍ନ–** *ଜଣେ ଝିଅକୁ କେମିତି ପ୍ରେମ ନିବେଦନ କରିବି ଫର୍ମୁଲା ପାଉନାହିଁ। ଦୟାକରି ମୋତେ ବତାଇବେ କି ?*

*– ବିଦ୍ୟ, ପୁରୀ*

**ଉତ୍ତର:** ଯଦି ପାଣିପାଗ ଠିକ୍ ଅଛି, ତେବେ ଫର୍ମୁଲା ଉପରେ ଏତେ ଗୁରୁତ୍ୱ ଦିଅନ୍ତୁ ନାହିଁ। ବାସ୍, ଦେଖିଚାହିଁ ଏମତି ତୀର ମାରନ୍ତୁ, ଯେମିତି ବହି ଏକାଥରେ ଫିଟ୍ ହୋଇଯିବ। ହେଲେ ପ୍ରେମକୁ ଆରମ୍ଭରୁ ଆଦୌ ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଟିକେ ଏପଟ ସେପଟ ହୋଇଗଲେ ସବୁ କିଛି ଓଲଟପାଲଟ ହୋଇଯିବ। ପୁଣି ସେହି ଅନୁତାପରେ ନିଆଁରେ ସବୁବେଳେ ନିଜକୁ ଜାଳୁଥିବେ। ତେଣୁ ଦେଖିଚାହିଁ ପାଦ ପକାଇ ଆଗାନ୍ତୁ।

**ପ୍ରଶ୍ନ–** ଜଣେ ଝିଅ ମୋତେ 'ଆଇ ଲଭ୍ ୟୁ' କହିଲା। ଏବେ ଦେଖିଲା ବେଳକୁ ସେ ଆଉ ଜଣେ ପୁଅକୁ ଭଲପାଉଛି। ମୁଁ ଏବେ କ'ଣ କରିବି ?

*– ଅଜିତ୍ ମଲ୍ଲିକ, ଜଗତ୍ସିଂହପୁର*

**ଉତ୍ତର:** ଆପଣ ଏହି ପ୍ରେମଫାଶରେ ଧରା ଦେଇନାହାନ୍ତି ତାହା ବଡ଼ କଥା। କାରଣ ଏମିତି ଅନେକ ଉଡ଼ା ପ୍ରେମିକା ଆଜିକାଲି ଘୂରୁ ବୁଲୁଛନ୍ତି। ସେମାନେ କେଉଁଠି ପରମାନେଣ୍ଟ ବସା ବାନ୍ଧନ୍ତି ନାହିଁ। ମନକୁ କ୍ଷଣିକ ଶାନ୍ତି ଦେବା ପାଇଁ ଯାହାକୁ ମନ ତାକୁ ପ୍ରେମ ଜାଲରେ ଫସାଇ ଦିଅନ୍ତି। ତେଣୁ ସେଭଳି ପ୍ରେମିକାଙ୍କୁ ସବୁବେଳେ ସାବଧାନ!

**ପ୍ରଶ୍ନ–** ପ୍ରେମର ପ୍ରଥମ ପାହାଚରେ ପାଦଦେଲେ ମିଠା ଖାଇଲା ପରି ଲାଗେ। ହେଲେ ଅଧାବାଟରେ ଗୋଡ଼ ଖସିଗଲେ ଭାରି ଦୁଃଖ ଲାଗେ କାହିଁକି?

*– ଅନିରୁଦ୍ଧ ସାହୁ, ଢେଙ୍କାନାଳ*

**ଉତ୍ତର:** ପ୍ରେମକୁ ଖେଳନା ଭାବିଲେ ଏପରି ପରିସ୍ଥିତି ସୃଷ୍ଟି ହୁଏ। କାରଣ ପ୍ରେମ ନିଶା ଯେତେବେଳେ ପ୍ରଥମେ ଘାରେ, ସେତେବେଳେ ସବୁକିଛି ରଙ୍ଗିନ୍ ଦେଖାଯାଏ। ଆଉ ଏଥିରେ ମତୁଆଲା ହୋଇ ଅନେକେ ବାଟବଣା ହୋଇଯାଆନ୍ତି। ଶେଷରେ ସେଭଳି ପ୍ରେମ ରଙ୍ଗହୀନ, ସ୍ୱାଦହୀନ ହୋଇ ଯାଇଥାଏ। ତେଣୁ ଏଭଳି ପ୍ରେମ କରନ୍ତୁ, ଯେମିତି ଅଧାବାଟରେ ଗୋଡ଼ ଖସିବାର ଚାନ୍ସ ନ ଥିବ।

**ପ୍ରଶ୍ନ–** ମୋତେ କାହିଁ କିଛି ଭଲ ଲାଗୁନି। ରାତିରେ ନିଦ ହେଉନି। ମନ ଖାଲି କେଉଁ ଏକ ଅଜଣା ରାଇଜରେ ଘୂରି ବୁଲୁଛି। ସବୁ ଖାଲି ରଙ୍ଗିନ୍ ରଙ୍ଗିନ୍ ଲାଗୁଛି। କ'ଣ କରିବି?

*– ଦୀପକ, ରେଢ଼ାଖୋଲ*

**ଉତ୍ତର:** ଆପଣଙ୍କ ମନ ଚାରିପଟେ ପ୍ରେମର ଫନୀ ଫୁଲ୍ ସ୍ପିଡ୍ରେ ଘୂରି ବୁଲୁଛି। ତେଣୁ ଡେରି ନ କରି ମନ ପସନ୍ଦର ରାଣୀଟିଏ ଖୋଜନ୍ତୁ। ଯଦି ତାହା ମିଳିଗଲା, ଏସବୁ ଲକ୍ଷଣ ଆପେ ଆପେ ବନ୍ଦ ହୋଇଯିବ ଆଉ ତା'ପରେ ଯୁଆଡ଼େ ଚାହିଁବେ କେବଳ ପ୍ରେମ... ପ୍ରେମ... ଆଉ ପ୍ରେମ। ନା କ'ଣ କହୁଛନ୍ତି?



# ଟେରାକୋଟା ଜୁଏଲେରି





ନାରୀ ମାନଙ୍କ ମଧ୍ୟରେ ଜୁଏଲେରିର ଚାହିଦା ସବୁବେଳେ ସବୁ ସମୟରେ ରହିଆସିଛି। ତେଣିକି ସେ ସୁନା, ରୁପା, ହୀରା, ମୋତି, ମାଣିକ୍ୟରେ ତିଆରି ଜୁଏଲେରି ହେଉ ଅବା କୌଣସି ଆର୍ଟିଫିସିଆଲ୍ ଜୁଏଲେରି। ତେବେ ବର୍ତ୍ତମାନ ସମୟରେ ଟେରାକୋଟା ଜୁଏଲେରି ଏକ ନୂଆ ଟ୍ରେଣ୍ଡ୍ ଭାବେ ଉଭା ହୋଇଛି। ଏକ୍ସପର୍ଟଙ୍କ ମତରେ ଏହା ଏକପ୍ରକାର ମାଟିରେ ତିଆରି ହ୍ୟାଣ୍ଡମେଡ୍ ଜୁଏଲେରି। ଦିନ ଥିଲା, ଏହି ଜୁଏଲେରିରେ କେବଳ ଦେବଦେବୀ ତଥା ରାଜା ମହାରାଜାମାନଙ୍କର ପ୍ରତିଛବି ହିଁ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ନାନାଦି ରଙ୍ଗର ପଶୁପକ୍ଷୀ, ଫୁଲ, କାର୍ଟୁନ ତଥା ବିଭିନ୍ନ ଜ୍ୟାମିତିକ ଡିଜାଇନ୍‌ର ମଡର୍ନ ଟେରାକୋଟା ଜୁଏଲେରି ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଫଳରେ ଯୁବତୀମାନଙ୍କ ଗହଣରେ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।

### କେମିତି ତିଆରି ହୁଏ ଏହି ଜୁଏଲେରି

ଏକ୍ସପର୍ଟଙ୍କ ମତରେ, ଟେରାକୋଟା ଜୁଏଲେରିରେ ଏକପ୍ରକାର ଚିକଣିଆ ମାଟି ବ୍ୟବହାର କରାଯାଇଥାଏ। ଏହି ମାଟିକୁ ଅଟା ଚକଟିଲା ଭଳି ପ୍ରଥମେ ଭଲ ଭାବେ ଚକଟାଯାଇ ତା'ପରେ ଏହାକୁ ବିଭିନ୍ନ ପ୍ରକାର ଜୁଏଲେରି ଶେପ୍‌ରେ ତିଆରି କରାଯାଇଥାଏ। ଏହାପରେ ଏହାକୁ ଖରାରେ ଶୁଖାଯାଏ। ଭଲଭାବେ ଶୁଖିଗଲା ପରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ ପ୍ରକାର ମେଟାଲ୍, ସିଲ୍କ କପଡ଼ା ଆଉ ରଙ୍ଗର ବ୍ୟବହାର କରି ବେଶ୍ ଆକର୍ଷଣୀୟ ଭାବେ ଏହି ଜୁଏଲେରି ତିଆରି କରାଯାଇଥାଏ। ତେଣୁ ଏହାକୁ ତିଆରି କରିବା ପାଇଁ ସମୟ ଟିକେ ଅଧିକ ଲାଗିଥାଏ।

### ଏହାର କ'ଣ ସବୁ ଡିଜାଇନ୍ସ ରହିଛି

ସାଧାରଣତଃ ଟେରାକୋଟାର ଇୟର ରିଂ, ଝୁମୁକା, ପେଣ୍ଡେଣ୍ଟ, ମୁଦି, ବ୍ରେସ୍‌ଲେଟ୍, ଚୁଡି ତଥା ନେକ୍‌ଲେସ୍ ଇତ୍ୟାଦି ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ, ପିନ୍ଧିଲେ ସେମିତି ମଡର୍ନ ଲୁକ୍ ମିଳିଥାଏ। ଖାସ୍ କରି ଏହି ଜୁଏଲେରି ସବୁକୁ ଅନାରକଲି କୁର୍ତ୍ତା, ଶାଢ଼ି କିମ୍ବା ଲେହେଙ୍ଗା ସହିତ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ। ସେହିପରି ଯଦି କେହି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଏହି ଜୁଏଲେରିକୁ ଟ୍ରାଏ କରିବାକୁ ଚାହୁଁଥାନ୍ତି, ତା'ହେଲେ ଏଥିପାଇଁ ସିମ୍ପଲ୍ ଡିଜାଇନ୍‌ବାଲା ଟେରାକୋଟା ଜୁଏଲେରି ଚୟନ କରିବା ଠିକ୍ ହେବ। ସେହିପରି ଏହି ଜୁଏଲେରିକୁ ଯେକୌଣସି ସ୍କିନ୍ ଟାଇପ୍‌ର ଯୁବତୀ ବା ନାରୀ ଆରାମରେ ପିନ୍ଧିପାରିବେ। କାରଣ ଏହି ଜୁଏଲେରିକୁ ପିନ୍ଧିଲେ ସ୍କିନ୍‌ରେ ଆଲର୍ଜି ହେବାର ସମ୍ଭାବନା ସେତେ ବେଶୀ ନ ଥାଏ।

### କେମିତି ନେବେ ଏହି ଜୁଏଲେରିର ଯତ୍ନ

ଏହି ଜୁଏଲେରିକୁ ଖୁବ୍ ସାବଧାନତାର ସହ ଯତ୍ନ ନେବାକୁ ହୋଇଥାଏ। କାରଣ ଅଜାଣତରେ ଏହା କେଉଁଠି ମାଡ଼ ହୋଇଗଲେ କିମ୍ବା ପଡ଼ିଗଲେ ଜୁଏଲେରି ଭାଙ୍ଗିଯିବାର ସମ୍ଭାବନା ଥାଏ। ସେହିପରି ପାଣି ସଂସ୍ପର୍ଶରେ ଏହି ଜୁଏଲେରିକୁ ଯେତେ କମ୍ ଆଣିବେ, ଏହା ସେତେ ଅଧିକ ଦିନ ଲାଷ୍ଟିଂ କରିପାରିବ।









# ମଡେଲ୍ ମିରର୍



ସସ୍ମିତା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

ରେଲୱେ ଶୁଟ୍ ସୌଜନ୍ୟ: ସିପିଆରଓ, ଇଷ୍ଟକୋଷ୍ଟ ରେଲୱେ

# ହାଃ ହାଃ

## ଜାନ୍

ରମେଶ ସାନୁକୁ- ଜାଣିଛୁ ସାଙ୍ଗ, ମୋ ବେଷ୍ଟ ଫ୍ରେଣ୍ଡ ମତେ ଧୋକା ଦେଇଛି।
ସାନୁ- ଓଃ ! ଶୁଣି ଦୁଃଖ ଲାଗିଲା । ହେଲେ ସେ କ'ଣ କରିଛି ?
ରମେଶ- ସେ ଦିନେ ମତେ କହିଥିଲା, ମୁଁ ତାକୁ ଜାନ୍ ମାଗିଲେ ବି ମତେ ଦେଇଦେବ। ଏବେ ସେ ତା' ପ୍ରେମିକାକୁ ଜାନ୍ କହୁଛି। ଆଉ ମାଗିଲେ ଗାଳି ଦେଉଛି।

## ଆଇ ଲଭ୍ ୟୁ

ରୋଗୀ ନର୍ସଙ୍କୁ-ମୁଁ ତୁମକୁ ଭଲ ପାଇ ବସିଛି।
ନର୍ସ- ସତେ ! ତାକୁ ଇଂଲିଶରେ କହିଲ ଦେଖି।
ରୋଗୀ- ଆଇ ଲଭ୍ ୟୁ ସିଷ୍ଟର।
ନର୍ସ- ଆଇ ଲଭ୍ ୟୁ ଟୁ ମାଇଁ ବ୍ରଦର।

## ସିଙ୍ଗଡ଼ା

ପପୁ ପୂରା ସିଙ୍ଗଡ଼ା ନ ଖାଇ ଖାଲି ତା' ଭିତରେ ଥିବା ମସଲା ଖାଉଥିଲା, ଏହା ଦେଖି
ସଞ୍ଜୁ ପଚାରିଲା: ଆରେ !
ତୁ ପୂରା ସିଙ୍ଗଡ଼ା କାହିଁକି ଖାଉନୁ ?
ପପୁ: ମୋ ଦେହ ଭଲ ନାହିଁ। ଡାକ୍ତର ପରା ମନା କରିଛନ୍ତି ବାହାର ଜିନିଷ ଖାଇବାକୁ।








ଧାର୍ମିକସ୍ଥଳୀ

# ଅଦୂର

କେରଳସ୍ଥିତ ଏକ ଧାର୍ମିକସ୍ଥଳୀ ହେଉଛି ଅଦୂର। ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ତଥା ଆଧ୍ୟାତ୍ମିକ ସ୍ଥଳୀଗୁଡ଼ିକ ପାଇଁ ଏହି ସ୍ଥାନର ବେଶ୍ ଗୁରୁତ୍ୱ ରହିଛି...

କେରଳର ପଥାନାମାଥିଟ୍ଟା ଜିଲା ଅନ୍ତର୍ଗତ ଏକ ପ୍ରମୁଖ ସହର ହେଉଛି ଅଦୂର। ଏହା ସ୍ଥାନୀୟ ଏକ ଲୋକପ୍ରିୟ ଧାର୍ମିକସ୍ଥଳୀ ଭାବେ ଜଣାଶୁଣା। ଏଠାକାର ସଂସ୍କୃତି, ପରମ୍ପରା, ଚାଲିଚଳଣି, ପର୍ବପର୍ବାଣି ଯେତିକି ନିଆରା, ପର୍ଯ୍ୟଟନସ୍ଥଳୀଗୁଡ଼ିକ ବି ସେତିକି ଆକର୍ଷଣୀୟ। ଖାସ୍ ସେଇଥିପାଇଁ ତ ଏଠାରେ ପ୍ରାୟତଃ ବର୍ଷସାରା ପର୍ଯ୍ୟଟକଙ୍କର ଭିଡ଼ ଲାଗିଥାଏ।

### କେବେ ଯିବେ

ଏଠାରେ ମାର୍ଚ୍ଚରୁ ମେ ଖରା, ଜୁନ୍‌ରୁ ଅଗଷ୍ଟ ବର୍ଷା ଏବଂ ଅକ୍ଟୋବରରୁ ଜାନୁୟାରୀ ଶୀତଋତୁ ଅନୁଭବ ହୋଇଥାଏ। ବର୍ଷାଦିନେ ଏଠାରେ ପ୍ରବଳ ବର୍ଷା ହେଉଥିବାବେଳେ ଶୀତ ଓ ଖରା ସାଧାରଣ ହୋଇଥାଏ। କିନ୍ତୁ ପର୍ଯ୍ୟଟକଙ୍କ ପାଇଁ ଏଠାକୁ ସବୁ ସମୟରେ ଯିବା ପାଇଁ ସୁବିଧା ରହିଛି। କେହି କେହି ଖରାଦିନେ ତ କେହି କେହି ଶୀତରେ ପୁଣି ବର୍ଷାଦିନେ ବି ପର୍ଯ୍ୟଟକ ଏଠାକୁ ବୁଲି ଆସୁଥିବାର ନଜିର ରହିଛି।

### କେମିତି ଯିବେ

ଥିରୁଭାନନ୍ଥପୁରମ୍ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର, ଯାହା ଅଦୂରଠାରୁ ପ୍ରାୟ ୧୧୦ କି.ମି ଦୂରରେ ଅବସ୍ଥିତ। ସେହିପରି କାୟାମ୍‌କୁଲମ୍ ଜଙ୍କସନ୍ ରେଲୱେ ଷ୍ଟେଶନ ଓ ଚେଙ୍ଗାନ୍ନୁର ରେଲୱେ ଷ୍ଟେଶନ ହେଉଛି ଅଦୂରର ଦୁଇ ନିକଟତମ ରେଲଷ୍ଟେଶନ। ତା'ଛଡ଼ା ଦେଶର ବହୁ ପ୍ରମୁଖ ସହରରୁ ଟୁରିଷ୍ଟ ବସ୍ ବି ଅଦୂର ଅଭିମୁଖ ଯା'ଆସ କରିଥାଏ।

### କ'ଣ ଦେଖିବେ

ପବିତ୍ର ସହର ଭାବେ ସାରା କେରଳରେ ଅଦୂରର ନାଁ ରହିଥିବାରୁ, ଏଠାରେ ପୂଜାର୍ଚ୍ଚନା କରିବା ପାଇଁ ଧାର୍ମିକପୀଠର ଅଭାବ ନାହିଁ।



ଶ୍ରୀ ନାରାୟଣପୁରମ୍ ମହାବିଷ୍ଣୁ ମନ୍ଦିରଠାରୁ ଆରମ୍ଭ କରି ମନ୍ନାଡି ଦେବୀ, ଶ୍ରୀ ପାର୍ଥସାରଥି, ପଲ୍ଲୁପୁରକ୍କାଲ ଦେବୀ, ମହାଲିଙ୍ଗେଶ୍ୱର, ଥେଙ୍ଗମ୍‌ଥରା ଉମାମହେଶ୍ୱର ଇତ୍ୟାଦି ମନ୍ଦିର ଏଠାରେ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏକାଧିକ ଚର୍ଚ୍ଚ ବି ଏଠାରେ ରହିଛି। ସବୁ ବର୍ଗର ତଥା ସବୁ ଧର୍ମର ପର୍ଯ୍ୟଟକଙ୍କ ପାଇଁ ଉତ୍ତମ ସୁବିଧାମାନ ମଧ୍ୟ ଏଠାରେ ଉପଲବ୍ଧ।

### କଳା ଓ ସଂସ୍କୃତିରେ ଆଗୁଆ

କଳା, ସଂସ୍କୃତି ତଥା ପର୍ବପର୍ବାଣି ପାଳନ କରିବା କ୍ଷେତ୍ରରେ ଅଦୂରର ବେଶ୍ ଖ୍ୟାତି ରହିଛି। ଏଠାରେ ବହୁ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଜନ୍ମ ହୋଇଥିବା ସୂଚନା ମଧ୍ୟ ରହିଛି। ତେବେ ଆଧ୍ୟାତ୍ମିକସ୍ଥଳୀ ଭାବେ ଲୋକପ୍ରିୟତା ହାସଲ କରିଥିବାରୁ ଏଠାରେ ପ୍ରାୟତଃ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥାଏ, ଯାହାକୁ ଦେଖିବା ପାଇଁ ଭକ୍ତଗଣଙ୍କର ବେଶ୍ ଭିଡ଼ ଜମିଥାଏ।

### ବେପାର ଓ ବାଣିଜ୍ୟ

ଅଦୂରରେ ଖାସ୍ କରି ନଡ଼ିଆ, କଦଳୀ ତଥା ମୌସୁମୀଭଲ ଚାଷ କରାଯାଇଥାଏ। ବାହାରକୁ ରପ୍ତାନି କରି ସ୍ଥାନୀୟ ଲୋକେ ଏଥିରୁ ଟଙ୍କା ଉପାର୍ଜନ କରିଥାନ୍ତି। ତା'ଛଡ଼ା ଏଠାକାର କେତେକ ସ୍ଥାନରେ ରବର ଚାଷ ହେଉଥିବାର ନଜିର ମଧ୍ୟ ରହିଛି।





# ଥାପିଲେ ମାଗଣାରେ ମିଳିବ ପିଜା



ଆଜିକାଲି ଦେଖିବାକୁ ମିଳୁଛି, ପିଲାଙ୍କଠୁ ବୃଦ୍ଧ ଏବେ ପ୍ରାୟତଃ ସମସ୍ତେ ମୋବାଇଲ୍ ନିଶାରେ ଏମିତି ପଡିଯାଇଛନ୍ତି ଯେ, ସେମାନଙ୍କ ପାଖେ ପରସ୍ପର ସହ ଭଲମନ୍ଦ କଥା ହେବାକୁ ବି ସମୟ ଅଣ୍ଟୁନି। ତେଣୁ ଏଭଳି ଏକ ମନ୍ଦ ଅଭ୍ୟାସରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ କାଲିଫର୍ନିଆର ଏକ ରେଷ୍ଟୁରାଣ୍ଟ ଗୋଟିଏ ସର୍ତ୍ତମୂଳକ ଅଫର୍ ଜାରି କରିଛି। ସର୍ତ୍ତାନୁଯାୟୀ, ଏହି ରେଷ୍ଟୁରାଣ୍ଟକୁ ପରିବାରର ୪ ଜଣ ବ୍ୟକ୍ତି କିମ୍ବା ୪ ସାଙ୍ଗ ଏକକାଳୀନ ଆସି ପରସ୍ପରର ସାମ୍ନାସାମ୍ନି ହୋଇ ବସିବେ। ଆଉ ସେମାନଙ୍କର ସ୍ମାର୍ଟଫୋନ୍‌କୁ ରେଷ୍ଟୁରାଣ୍ଟର ଏକ ସ୍ୱତନ୍ତ୍ର ଲକର୍‌ରେ ରଖିବେ। ଲକ୍‌ରରେ ରଖିବା ପୂର୍ବରୁ ରେଷ୍ଟୁରାଣ୍ଟର କର୍ମଚାରୀ ତାଙ୍କ ଫୋନ୍‌କୁ ଭଲରେ ଅନୁଧ୍ୟାନ କରିବେ ଯେମିତି ସେଗୁଡ଼ିକ ପୁରୁଣା କିମ୍ବା ଖରାପ ହୋଇ ନ ଥିବ। କାରଣ ବେଳେବେଳେ ମାଗଣାରେ ପିଜା ଖାଇବା ପାଇଁ କେତେକେ ସେମାନଙ୍କର ଖରାପ କିମ୍ବା ପୁରୁଣା ଫୋନ୍‌କୁ ଆଣି ରେଷ୍ଟୁରାଣ୍ଟ କର୍ମଚାରୀଙ୍କୁ ଠକି ଦେଇଥାନ୍ତି। ଫୋନ୍ ରଖିସାରିବା ପରେ ଗ୍ରାହକ ନିଜ ଇଚ୍ଛା ମୁତାବକ ଖାଦ୍ୟ ଅର୍ଡର କରିଥାନ୍ତି। ଖାଦ୍ୟ ସରିବା ପର୍ଯ୍ୟନ୍ତ ଅନ୍ୟ କେଉଁଆଡେ ନ ଚାହିଁ ପରସ୍ପର ସହ ଅନବରତ ମନଖୋଲା କଥା ହେଲେ ଯାଇ ସେମାନଙ୍କୁ ସେମାନଙ୍କ ସ୍ମାର୍ଟଫୋନ୍ ଫେରାଇ ଦିଆଯାଏ ଆଉ ୨୪ ଘଣ୍ଟା ଭିତରେ ପୁଣିଥରେ ଉକ୍ତ ରେଷ୍ଟୁରାଣ୍ଟକୁ ଆସି ମାଗଣାରେ ଗୋଟିଏ ବଡ଼ ପିଜା ନେଇଯିବାକୁ କୁହାଯାଏ। ଗ୍ରାହକ ଚାହିଁଲେ ୨୪ ଘଣ୍ଟା ଭିତରେ ସେଠାକୁ ଆସି ମାଗଣାରେ ପିଜାକୁ ନେଇପାରିବେ ନଚେତ୍ ଅସହାୟ ଲୋକଙ୍କୁ ଦାନ କରି ଦେବାକୁ ରେଷ୍ଟୁରାଣ୍ଟ କର୍ମଚାରୀଙ୍କୁ କହିପାରିବେ। ଏ ନେଇ ରେଷ୍ଟୁରାଣ୍ଟର ସହସଂସ୍ଥାପକ ବୀରେନ୍ଦ୍ର ମାହ୍ଲି ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଦିନେ ସେ ବି ଏମିତି ମୋବାଇଲ୍ ପାଇଁ ପାଗଳ ଥିଲେ। ପରିବାରକୁ ସମୟ ଦେଇ ପାରୁ ନ ଥିଲେ। ପରେ ଏହାର କୁ-ପ୍ରଭାବକୁ ଅନୁଭବ କରି ବହୁ କଷ୍ଟରେ ଏଥିରୁ ମୁକ୍ତି ପାଇଲେ। ତେଣୁ ସେ ଭାବିଲେ, ତାଙ୍କ ରେଷ୍ଟୁରାଣ୍ଟକୁ ଆସୁଥିବା ଅଧିକାଂଶ ଗ୍ରାହକ ବି ଏମିତି ମୋବାଇଲ୍ ମାନିଆ ହୋଇଥିବେ। ପରିବାର, ସାଙ୍ଗସାଥୀଙ୍କୁ ସମୟ ଦେଇପାରୁ ନଥିବେ। ତେଣୁ ଏମିତି କିଛି ଉପାୟ ବାହାର କରି ସେମାନଙ୍କୁ ମୋବାଇଲ୍‌ର ଅତ୍ୟଧିକ ବ୍ୟବହାରରୁ ବଞ୍ଚିତ କରାଇବା ସହ ପରିବାର ତଥା ସାଙ୍ଗସାଥୀଙ୍କୁ କିଛି ସମୟ ପାଇଁ ଏକାଠି କରାଇବେ। ଆଉ ତାଙ୍କ ଉପାୟ ବି ଭଲ କାମ ଦେଲା। ଏବେ ଏହି ଅଭିନବ ପ୍ରୟାସ ପାଇଁ ତାଙ୍କୁ ସପ୍ତାହକୁ ୪୦/୫୦ଟି ପିଜା ଗ୍ରାହକଙ୍କୁ ମାଗଣାରେ ଦେବାକୁ ପଡୁଛି। ସେହିପରି ଯେଉଁମାନେ ମାଗଣାରେ ମିଳୁଥିବା ପିଜା ନ ନେଇ ଦାନ କରିଦେବାକୁ କହୁଛନ୍ତି, ସେହି ପିଜାକୁ ରେଷ୍ଟୁରାଣ୍ଟ ତରଫରୁ ଅସହାୟ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି। ମାସକୁ ପ୍ରାୟ ୫୦/୬୦ଟି ପିଜା ଉକ୍ତ ରେଷ୍ଟୁରାଣ୍ଟ ତରଫରୁ ଅସହାୟ ଲୋକଙ୍କୁ ବଣ୍ଟା ଯାଉଥିବା ସୂଚନା ମଧ୍ୟ ରହିଛି।



## କାର୍ଟୁନ କର୍ନର



# ଗୋଟିଏ ଡୋଳାରେ ସୀତା ଗୋଟିଏ ଡୋଳାରେ ଗଙ୍ଗା

ଓଡ଼ିଆରେ ଏକ ଅତି ଲୋକପ୍ରିୟ ଶ୍ରୀଜଗନ୍ନାଥ ଭଜନ ରହିଛି, ଯାହାର ପ୍ରଥମ ପଦ ବା ମୁଖ୍ଡ଼ା ହେଉଛି : ଗୋଟିଏ ଡୋଳାରେ ତା'ର ରାଧା ନାଚୁଛି/ଆଉ ଏକ ଡୋଳେ ତା'ର ମୀରା ବସିଛି। ଏ ଗୀତର ମୁଖ୍ଡ଼ାଟି ବର୍ତ୍ତମାନର ପ୍ରତିଭାବାନ ଯୁବ ଯାତ୍ରା ତଥା ସିରିଏଲ୍ ନିର୍ଦ୍ଦେଶକ ମହେଶ ହାଜରାଙ୍କ ପ୍ରତି ଶତପ୍ରତିଶତ ପ୍ରଯୁଜ୍ୟ ବୋଲି କୁହାଯାଇପାରିବ। ଅବଶ୍ୟ ତାଙ୍କ ଆଖିରେ ରାଧା କିମ୍ବା ମୀରା ବସି ନାହାନ୍ତି। ତେବେ ତାଙ୍କ ଦୁଇ ଆଖିରେ ଏବେ ବସିଛନ୍ତି ଦୁଇଜଣ ପବିତ୍ର ଦେବୀ। ଜଣେ ହେଉଛନ୍ତି ସୀତା। ଆଉ ଜଣେ ହେଉଛନ୍ତି ଗଙ୍ଗା। ଗୋଟିଏ ଡୋଳାରେ ସେ ସୀତାଙ୍କୁ ରଖିଥିବା ବେଳେ ଅନ୍ୟ ଏକ ଡୋଳାରେ ଧରିଛନ୍ତି ଗଙ୍ଗାଙ୍କୁ। ବାସ୍ତବ କଥା ହେଉଛି, ଏଇ ଦୁଇ ବୈଦିକ ଦେବୀଙ୍କୁ ନେଇ ଆସନ୍ତା ୨୦୧୯-୨୦ ଯାତ୍ରା ସିଜନ୍‌ରେ ଦୁଇଗୋଟି ନାଟକ ପ୍ରସ୍ତୁତ କରୁଛନ୍ତି ମହେଶ। ପ୍ରଥମ ନାଟକଟି ସୀତାଙ୍କୁ ନେଇ ; ଯାହାର ଟାଇଟଲ ରହିଛି : 'ସୀତାର ଜଳୁଛି ଚିତା'। ଏହି ନାଟକଟି ଆସନ୍ତା ସିଜିନ୍‌ରେ 'ବାଘାଯତୀନ ଲୋକନାଟ୍ୟ' ପକ୍ଷରୁ ମଞ୍ଚସ୍ଥ କରାଯିବ। ସେହିଭଳି ଦ୍ୱିତୀୟ ନାଟକଟିକୁ ସେ ଦେବୀ ଗଙ୍ଗାଙ୍କୁ ନେଇ ପ୍ରସ୍ତୁତ କରିଛନ୍ତି ; ଯାହାର ଟାଇଟଲ ରହିଛି 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି'। 'ଯାତ୍ରା ରଙ୍ଗମହଲ' ପକ୍ଷରୁ ମଞ୍ଚସ୍ଥ ହେବାକୁ ଥିବା ଏହି ନାଟକର ପ୍ରମୋସନାଲ ଭିଡ଼ିଓଟିକୁ ଇତିମଧ୍ୟରେ ଲକ୍ଷାଧିକ ଦର୍ଶକ ଦେଖି ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ୨୦୧୮-୧୯ ଯାତ୍ରା ସିଜନ୍‌ରେ 'ମୃତ୍ୟୁଦଣ୍ଡ' ନାଟକର ନିର୍ଦ୍ଦେଶନା ଦେଇ ଯାତ୍ରା ପ୍ରଯୋଜକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବା ମହେଶ କହନ୍ତି : ଜଣେ ଗଙ୍ଗା ତ ଆଉ ଜଣେ ସୀତା। ଜଣେ ପତିତପାବନୀ ତ ଆଉ ଜଣେ ପତିବ୍ରତା। ବୈଦିକ ଯୁଗର ଏହି ଦୁଇ ନାରୀଙ୍କ କଥା, କାହାଣୀ, ତ୍ୟାଗ, ତିତିକ୍ଷା, ଆଦର୍ଶ, ପରିଚର୍ଯ୍ୟା କାଳକାଳ ଧରି ମଣିଷ ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି। ଏହି ଦୁଇ ନାରୀଙ୍କର ମହନୀୟ କାହାଣୀକୁ ନେଇ ସୃଷ୍ଟି ହୋଇଛି ବହୁ କାବ୍ୟ, କବିତା, ସୁଆଙ୍ଗ। ସେହି ଦୁଇ ଦେବୀଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ନାଟକ ଦୁଇଟି ଦର୍ଶକମାନଙ୍କୁ କିଛି ଭିନ୍ନ ସ୍ୱାଦ ଦେବ ବୋଲି ମୋର ଆଶା।

ଦୁଇଗୋଟି ନାଟକ ବିଷୟରେ ସାମାନ୍ୟ ସୂଚନା ଦେଇ ସେ କହନ୍ତି : ଗଙ୍ଗା ପତିତପାବନୀ। ଗଙ୍ଗାର ସ୍ପର୍ଶ ପାଇଲେ ପାପ କ୍ଷୟ ହୁଏ। ତେବେ ବେଳେବେଳେ ଗଙ୍ଗାକୁ ବି ଅପବିତ୍ର ହେବାକୁ ପଡ଼େ। ତେବେ ଗଙ୍ଗାକୁ କ'ଣ କେହି ବି ଚେଷ୍ଟାକରି ଅପବିତ୍ର କରିପାରେ ? ଉତ୍ତର ହେଉଛି, ନା ! ପବିତ୍ର ଗଙ୍ଗାକୁ ଯଦି ଅପବିତ୍ର କରିବାର ସାମର୍ଥ୍ୟ କାହାର ଥାଏ ତା'ହେଲେ ସେ ହେଉଛି ନିଜେ ଗଙ୍ଗା। ପୁରାଣ କହେ, ଦେବୀ ଗଙ୍ଗା ହିଁ ଏକ ମହତ୍ତର ଉଦ୍ଦେଶ୍ୟ ରଖି ନିଜକୁ ଗାଙ୍ଗୀରେ ରୂପାନ୍ତରିତ କରିଥିଲେ। ମୋର ବିଶ୍ୱାସ ଅଛି 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' ନାଟକରେ ରହିଛି ଏମିତି କିଛି କଥା, ଯାହା ଦର୍ଶକଙ୍କ କଳ୍ପନାର ପରିସରରୁ ରହିବ ଯଥେଷ୍ଟ ଊର୍ଦ୍ଧ୍ୱରେ। ଦ୍ୱିତୀୟ ନାଟକ 'ସୀତାର ଜଳୁଛି ଚିତା'ରେ ରହିଛି ନାରୀ ନିର୍ଯାତନାର କରୁଣ କାହାଣୀ। ଏହି ନାଟକର ପ୍ରତ୍ୟେକ ସଂଳାପରୁ ଝରିବ ବିଦ୍ରୋହର ରେଣୁରେଣୁ ସ୍ଫୁଲିଙ୍ଗ। ସୀତା ନିଜର ସତୀତ୍ୱକୁ ସାବ୍ୟସ୍ତ କରିବା ପାଇଁ ହସିହସି ଅଗ୍ନିରେ ଝାସ ଦେଇଥିଲେ। ନିଜର ଚିତା ସଜାଡ଼ିବାକୁ ସେ ନିଜେ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାରଣ ସେ ଜାଣିଥିଲେ ସୀତାର ଚିତା କେବଳ ସୀତା ହିଁ ସଜାଡ଼ିପାରେ। ସେଇଥିପାଇଁ ସୀତା ହେଉଛନ୍ତି ପ୍ରତ୍ୟେକ ନାରୀଙ୍କ ଆଦର୍ଶ। ଏ ନାଟକଟିକୁ ମଧ୍ୟ ସବୁ ଦିଗରୁ ସ୍ୱତନ୍ତ୍ର କରିବାର ପ୍ରଚେଷ୍ଟା ଚାଲିଛି।

ସୂଚନାଯୋଗ୍ୟ ଯେ, ନିର୍ଦ୍ଦେଶକ ମହେଶ ହାଜରାଙ୍କ ସହିତ ଅଛନ୍ତି ଓଡ଼ିଶାର ସୁପ୍ରସିଦ୍ଧ ନାଟ୍ୟକାର ଅରୁଣ ନାୟକ। ପୁଣି ଦୁଇଟିଯାକ ନାଟକରେ ସଙ୍ଗୀତର ଭାର ସମ୍ଭାଳୁଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ତାପସ ଦାସ (ଟିଟନ୍)।



ପତ୍ନୀ ସୁଷମାଙ୍କ ସହ ମହେଶ

## ଆଖଡ଼ା ଆରମ୍ଭ

ଇତିମଧ୍ୟରେ ପୁରୁଣା ଯାତ୍ରାବର୍ଷର ପରିସମାପ୍ତି ଘଟିଛି। ଆରମ୍ଭ ହୋଇଛି ନୂଆ ଯାତ୍ରାବର୍ଷ। ପ୍ରତ୍ୟେକ ପାର୍ଟି ପକ୍ଷରୁ ଆରମ୍ଭ ହୋଇଯାଇଛି ନୂଆ ଯାତ୍ରା ସିଜନ୍ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି। ଓଡ଼ିଶାର ପ୍ରମୁଖ ଯାତ୍ରାନୁଷ୍ଠାନ ସତ୍ୟ ଜେନାଙ୍କ ରଙ୍ଗର ମହଲ 'ରଙ୍ଗମହଲ' ମଧ୍ୟ ପଛରେ ପଡ଼ିନାହିଁ। ନୂଆ ସିଜନ୍ ଆରମ୍ଭର ବହୁପୂର୍ବରୁ ନିଜର ରଣନୀତି ଧାର୍ଯ୍ୟ କରିସାରିଛି ଏହି ଅନୁଷ୍ଠାନ। ଆରମ୍ଭ ହୋଇଛି ଅନୁଷ୍ଠାନର ଆଖଡ଼ା ପୂଜା। ଭୁବନେଶ୍ୱରର ଜାଗମରାସ୍ଥିତ ନୀଳାଦ୍ରି ନଗରଠାରେ ସତ୍ୟଜେନା ତାଙ୍କର ଆଖଡ଼ାଶାଳ କରିଛନ୍ତି, ଯେଉଁଠି କଳାକାର, ଟେକ୍ନିସିଆନ୍‌ଙ୍କଠୁ ଆରମ୍ଭ କରି ନିର୍ଦ୍ଦେଶକ ତଥା ଲେଖକ ଆସି ଏକତ୍ରିତ ହୋଇଛନ୍ତି। ଯାତ୍ରା ରଙ୍ଗମହଲକୁ ରଙ୍ଗିନ କରିବା ପାଇଁ ଏଥର ଯେଉଁମାନଙ୍କୁ ଦଳରେ ସାମିଲ କରାଯାଇଛି ସେମାନଙ୍କ ମଧ୍ୟରେ ଅଛନ୍ତି କିଙ୍ଗଷ୍ଟାର ସୁବାସ ବେହେରା, ଟାହିଆ, ଦୀପୁ, ଗୁନୁ, ମାମା (କ), ମାମା (ଖ), ବେବି ମିଶ୍ର, କ୍ରିଷ୍ଣା, ବାସୁ ମହାନ୍ତି, ରମା, ପ୍ରମୋଦ, ମାନସୀ ଦଳେଇ, ମନୋଜ ବରାଳ, ଭରତ, ଗୁରୁ, ସୋନୁ ପ୍ରମୁଖ। ସୁବାସ, ଟାହିଆ, ଦୀପୁଙ୍କୁ ନେଇ ଦଳର ନାୟକ ବିଭାଗଟିକୁ ମଜଭୁତ କରାଯାଇଛି। ତେବେ ଟାହିଆଙ୍କୁ ଆବଶ୍ୟକ ସ୍ଥଳେ ଖଳ ଭୂମିକା ଦିଆଯାଇପାରେ। ମାନସୀ ଦଳେଇ, ଦୁଇଜଣ ମାମା, ଗାୟିକା ତଥା ଅଭିନେତ୍ରୀ କ୍ରିଷ୍ଣା, ନବାଗତା ବେବି ମିଶ୍ର ଆଦିଙ୍କୁ ନେଇ ଅନୁଷ୍ଠାନର ନାରୀ ବିଭାଗଟି ବେଶ୍ ସୁନ୍ଦର। ସ୍ୱତନ୍ତ୍ର ଖଳନାୟକ ଭାବରେ ଥିଏଟର ଆର୍ଟିଷ୍ଟ ମନୋଜଙ୍କୁ ନିଆଯାଇଥିଲେ ମଧ୍ୟ ହୁଏତ ଦଳ ତାଙ୍କୁ ଆବଶ୍ୟକସ୍ଥଳେ ଚରିତ୍ର ଭୂମିକାକୁ ଆଣିପାରେ। ଅଭିଜ୍ଞ କଳାକାର ବାସୁ ମହାନ୍ତି, ରମା, ପ୍ରମୋଦଙ୍କୁ ନେଇ ଫାଦର ବିଭାଗଟି ବି କିଛି କମ୍ ଆକର୍ଷଣୀୟ ନୁହେଁ। ଏଥର ରଙ୍ଗମହଲର ପୁରୁଷ କମେଡ଼ି ବିଭାଗର ମଙ୍ଗ ଧରିବେ ଭରତ ଓ ନବାଗତ ଗୁରୁ ପୃଷ୍ଟି। ତାଙ୍କ ସହିତ ସାମିଲ୍ ହେବେ ଗାୟିକା କ୍ରିଷ୍ଣା ଓ ସୋନୁ। ଅନୁଷ୍ଠାନର ସଙ୍ଗୀତ ବିଭାଗର ଦାୟିତ୍ୱ ନେବେ ଉପେନ୍ଦ୍ର, ମିଲି, ଓମ୍, କ୍ରିଷ୍ଣା, କିରନ୍ କୁମାର। ନୃତ୍ୟ ବିଭାଗର ଦାୟିତ୍ୱ ନେଉଛନ୍ତି ହିରଣ୍ୟ। ମ୍ୟୁଜିକ୍ ବିଭାଗ ପାଇଁ ମଧ୍ୟ ବଛାବଛା କଳାକାରଙ୍କୁ ଚୟନ କରିଛି ରଙ୍ଗମହଲ। ସେମାନଙ୍କ ମଧ୍ୟରେ ଅଛନ୍ତି ଶ୍ରୀକାନ୍ତ (ଅର୍ଗାନ୍), ଗୋପି ଓ ବବୁଲ (ରିଦମ୍), ବଳିଆ (ଅକ୍ଟୋପ୍ୟାଡ୍), ଅକ୍ଷୟ (ଭାୟୋଲିନ୍)। ୨୦୧୯-୨୦ ପାଇଁ ପ୍ରସ୍ତୁତି ସମ୍ପର୍କରେ ରଙ୍ଗମହଲର ପ୍ରୋପ୍ରାଇଟର ସତ୍ୟ ଜେନା କହନ୍ତି : ଏଥର ମୁଁ ସ୍ୱତନ୍ତ୍ର ଭାବରେ ମୋ ଅନୁଷ୍ଠାନକୁ ପ୍ରସ୍ତୁତ କରିଛି। ସବୁଠୁ ବଡ଼କଥା ସାତଆଠ ମାସ ପୂର୍ବରୁ ନାଟକ କଥା ଚିନ୍ତା କରିଛି। ନାଟ୍ୟକାର, ନିର୍ଦ୍ଦେଶକଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିଛି। ମୋ ଦର୍ଶକମାନଙ୍କୁ କିଛି



ସତ୍ୟ ଜେନା

ଭଲ ନାଟକ ଦେବା ହେଉଛି ମୋର ପ୍ରଥମ ଲକ୍ଷ୍ୟ। ମୁଁ ଏଥର ବ୍ୟାନର ଉପରେ ଗୁରୁତ୍ୱ ଦେଇନି ସତ ; ହେଲେ ପୋଖତ ଅଭିନୟର ଦକ୍ଷତା ରଖିଥିବା କଳାକାରମାନଙ୍କୁ ଦଳରେ ସାମିଲ କରିଛି। ପ୍ରଥମଥର ପାଇଁ ଯାତ୍ରା ନାଟକର ପ୍ରମୋ କରାଇ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛି ; ଯାହାକୁ ଦର୍ଶକମାନେ ଗ୍ରହଣ କରିଛନ୍ତି। ଏବେ ତ ଆରମ୍ଭ ହୋଇଗଲା ନୂଆ ଯାତ୍ରାଋତୁ। ମୁଁ ମୋ ଦର୍ଶକ ଭଗବାନଙ୍କୁ ନିରାଶ କରିବି ନାହିଁ ବୋଲି ସବୁପ୍ରକାର ଯୋଜନା କରିଛି। ବାକି ସବୁ ମୋ ଆରାଧ୍ୟ ସାଇବାବାଙ୍କ ଇଚ୍ଛା। ଯଦି ତାଙ୍କର ଇଚ୍ଛା ଆଉ ଆଶୀର୍ବାଦ ଥାଏ ତା'ହେଲେ ସବୁକିଛି ଠିକ୍‌ଠାକ୍ ଚାଲିବ। ସୂଚନାଯୋଗ୍ୟ ଯେ, ଏଥର ଚାରିଗୋଟି ନୂଆ ନାଟକକୁ ନେଇ ମୈଦାନକୁ ଓହ୍ଲେଇବ ରଙ୍ଗମହଲ। ସେଥିମଧ୍ୟରେ ରହିଛି 'ମୁଁ ସେଇ ଭଦ୍ରକିଆ ଟୋକା', 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି', 'ମୁଁ ବଡ଼ଦାଣ୍ଡ ଭିକାରି' ଏବଂ 'ସ୍ୱାମୀ ମରିଗଲେ କାନ୍ଦିବି ନାହିଁ'।

## କେବଳ ଅଖଣ୍ଡ ଯୌବନ ଲାଗି...



ଯୌବନ ମଣିଷକୁ ଈଶ୍ୱରଙ୍କର ଏକ ବରଦାନ। ତେବେ ଏହା ଖୁବ୍ କମ୍ ସମୟ ପାଇଁ ଆସେ। କୁହାଯାଏ, ଯୌବନକୁ ବୁଝିବା ଆଗରୁ ଯୌବନ ସରିଯାଏ। ହେଲେ ନିଜର ଯୌବନକୁ ସବୁଦିନ ଲାଗି ଅଖଣ୍ଡ ବା ସ୍ଥାୟୀ କରିବାର ନିଶା ମଣିଷକୁ ବେଳେବେଳେ ଘାରେ। କିଏ ବା ନ ଚାହେଁ ସେ ସବୁବେଳେ ସୁନ୍ଦର ହେଇ ରହିଥାଉ। ଆଉ ସେଥିପାଇଁ ଯେକୌଣସି ବି ଉପାୟ ଅବଲମ୍ବନ କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି କିଛିଲୋକ। ସେମିତି ଗୋଟିଏ ଘଟଣାର ଏଠାରେ ଅବତାରଣା କରାଯାଉଛି। କୈନଲ ହେଉଛନ୍ତି ଜଣେ ମଡେଲ। ସେ ଅଭିନୟରେ ମଧ୍ୟ ରୁଚି ରଖନ୍ତି। ତେବେ ସବୁଠୁ ମଜାକଥା ହେଉଛି ସେ ତାଙ୍କର ସୁନ୍ଦର ଦେହକୁ ସବୁଠୁ ବେଶି ଭଲପାଆନ୍ତି। ଆଉ ନିଜର ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରତ୍ୟେକ ଦିନ ରକ୍ତସ୍ନାନ କରୁଛନ୍ତି। ତାହା ପୁଣି ଶୂକର ବା ଘୁଷୁରିର ରକ୍ତରେ। ଏହି ଘଟଣାଟି କୈନଲ୍‌ଙ୍କୁ ରାତାରାତ୍ ପ୍ରସିଦ୍ଧ କରିଦେଇଛି। ତାଙ୍କୁ ନେଇ ଏକ ଟିଭି ଶୋ' ମଧ୍ୟ ପ୍ରସ୍ତୁତ କରାଯାଇଛି ; ଯେଉଁଥିରେ ସେ ଘୁଷୁରି ରକ୍ତରେ ସ୍ନାନ କରୁଥିବାର ଦୃଶ୍ୟ ମଧ୍ୟ ପ୍ରଦର୍ଶନ କରାଯାଇଛି। କୈନଲ୍ କହନ୍ତି, ପୂର୍ବକାଳରେ ଘୁଷୁରି ରକ୍ତରେ ସ୍ନାନ କରି ପାଟରାଣୀମାନେ ସେମାନଙ୍କର ଯୌବନକୁ ଅକ୍ଷୁଣ୍ଣ ରଖୁଥିଲେ। ହେଲେ ଏହା କେଉଁଠି ଲେଖା ହୋଇଛି ତାହାର ପ୍ରମାଣ କୈନଲ୍ ଦେଇନାହାନ୍ତି। କୈନଲ୍‌ଙ୍କ ଏହି ନିଷ୍ପତ୍ତିକୁ ତାଙ୍କର ଜେଜେମା ଲୁଇସ୍ ମଧ୍ୟ ତୀବ୍ର ବିରୋଧ କରିଛନ୍ତି। ହେଲେ କୈନଲ୍‌ଙ୍କ କାହା କଥାରେ ଧ୍ୟାନ ନାହିଁ। ତାଙ୍କର ଦରକାର ଅତୁଟ ଯୌବନ।

ବ୍ୟାକ୍ ପେଜ୍







# ୮୪ ବର୍ଷର ବୃଦ୍ଧ ହେଲେ ଫ୍ୟାଶନ ଆଇକନ୍

ଜାପାନର ୮୪ ବର୍ଷୀୟ ବୃଦ୍ଧ ତେତସୁୟା ହେଉଛନ୍ତି ଜଣେ ଅବସରପ୍ରାପ୍ତ ରସାୟନ ବିଜ୍ଞାନର ଶିକ୍ଷକ। ଦିନ ଥିଲା ସେ ଫ୍ୟାଶନ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। କିନ୍ତୁ ଏବେ ଫ୍ୟାଶନ ଦୁନିଆରେ ନୂଆ କରି ରାଜ୍ କରିବା ଆରମ୍ଭ କରିଛନ୍ତି। କଥା କ'ଣ କି, ଏଇ କିଛି ଦିନ ତଳେ ତେତସୁୟାଙ୍କ ନାତି ନାଓୟା ଖୁସିରେ ଜେଜେବାପାଙ୍କୁ ବିଭିନ୍ନ ଷ୍ଟାଇଲିଶ୍ ପୋଷାକ ପିନ୍ଧାଇ ବିଭିନ୍ନ ପୋଜ୍‌ରେ ଏକ ଫଟୋଶୁଟ୍ କରାଇଥିଲେ। ଏହି ଫଟୋଶୁଟ୍ ପାଇଁ ସିଏ ଭିନ୍ନ ଭିନ୍ନ ଲୋକେସନ୍ ଯେମିତି କି ସମୁଦ୍ରତଟ, ସ୍କୁଲ୍ (ଯେଉଁଠାରେ ତେତସୁୟା ପିଲାଙ୍କୁ ଶିକ୍ଷାଦାନ ଦେଉଥିଲେ), ଖେତ ଇତ୍ୟାଦି ସ୍ଥାନକୁ ବାଛିଥିଲେ। ଶୁଟ୍ ସରିବା ପରେ ଫଟୋଗୁଡ଼ିକୁ ଦେଖି ତେତସୁୟା ବହୁତ ଖୁସି ହେଲେ ଆଉ ତାଙ୍କ ନାତି ଏହାକୁ ସୋସିଆଲ୍ ମିଡିଆରେ ଶେୟାର୍ ମଧ୍ୟ କରିଦେଲେ। ପ୍ରଥମେ ସେ ଟୁଇଟର୍‌ରେ ଅପଲୋଡ୍ କରିଥିଲେ। କିନ୍ତୁ ସେ କେବେ ବି ଭାବି ନ ଥିଲେ, ତାଙ୍କ ଜେଜେବାପାଙ୍କର ଫଟୋଗୁଡ଼ିକୁ ଫଲୋୟର୍ସମାନେ ଏତେ ପସନ୍ଦ କରିବେ ବୋଲି। କ୍ରମେ ତେତସୁୟାଙ୍କର ଫଟୋଗୁଡ଼ିକ ଭାଇରାଲ୍ ହେବାକୁ ଲାଗିଲା। ଏହାପରେ ତେତସୁୟାଙ୍କ ନାତି ତାଙ୍କ ନାଁରେ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲି ସେଥିରେ ବି ଫଟୋଗୁଡ଼ିକୁ ଅପଲୋଡ୍ କରିଦେଲେ। ସେଥିରେ ବି ତାଙ୍କୁ ବହୁତ ଲାଇକ୍ ଆସିବା ସହ ଭଲ ଭଲ କମେଣ୍ଟ ମିଳିଲା, ଯଦ୍ୱାରା ଏବେ ପ୍ରାୟ ସବୁବେଳେ ତେତସୁୟା ନିଜର ଫଟୋଶୁଟ୍ କରାଇ ସୋସିଆଲ୍ ମିଡିଆରେ ଫଟୋଗୁଡ଼ିକୁ ଶେୟାର୍ କରିବାରେ ଜୋର୍‌ସୋର୍‌ରେ ଲାଗିପଡିଛନ୍ତି। ଏ ନେଇ ତେତସୁୟା କୁହନ୍ତି, ମୋତେ ବହୁତ ଖୁସି ଲାଗୁଛି ଯେ, ଲୋକେ ମୋର ଡ୍ରେସିଂ ସେନ୍ସ ଆଉ ଫଟୋପୋଜ୍‌କୁ ଏତେ ପସନ୍ଦ କରିବା ସହ ସକାରାତ୍ମକ ପ୍ରତିକ୍ରିୟା ଦେଉଛନ୍ତି। ଏବେ ତେତସୁୟାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟର ୯୦ ହଜାରରୁ ଊର୍ଦ୍ଧ୍ୱ ଫଲୋୟର୍ସ ହୋଇଗଲେଣି। ଆଉ ତାଙ୍କ ପ୍ରତି ଫଟୋକୁ ୧୦ରୁ ୧୨ ହଜାର ଲାଇକ୍ ମିଳୁଥିବା ସୂଚନା ମଧ୍ୟ ରହିଛି।

# ସାଇଲେଣ୍ଟ କାଫେ

ବଧିର ବ୍ୟକ୍ତିମାନଙ୍କୁ କର୍ମନିଯୁକ୍ତି ଦେବା ପାଇଁ ଷ୍ଟାରବକ୍ସ ନାମକ ଏକ କମ୍ପାନୀ ଏଇ କିଛିଦିନ ତଳେ ଚାଇନାର ଗୁଆଙ୍ଗଝୁଠାରେ ସାଇଲେଣ୍ଟ କାଫେର ଶୁଭାରମ୍ଭ କରିଛି। ଏହି କାଫେର ଅଧିକାଂଶ କର୍ମଚାରୀ ହେଉଛନ୍ତି ବଧିର। ଗ୍ରାହକମାନଙ୍କଠାରୁ ଅର୍ଡର ରଖିବା, ଖାଦ୍ୟ ପରଷିବା ତଥା ପଇସା କଲେକ୍ସନ ପାଇଁ ଉକ୍ତ କର୍ମଚାରୀମାନଙ୍କୁ ସାଇନ୍ ଲାଙ୍ଗୁଏଜ୍‌ର ସାହାଯ୍ୟ ନେବାକୁ ପଡିଥାଏ। ତେବେ ଯେଉଁ କର୍ମଚାରୀ ବା ଗ୍ରାହକଙ୍କୁ ସାଇନ୍ ଲାଙ୍ଗୁଏଜ୍ ଜଣା ନ ଥାଏ, ସେମାନଙ୍କ ସୁବିଧା ପାଇଁ କାଫେରେ ଏକ ବୋର୍ଡ ଟଙ୍ଗା ଯାଇ ସେଥିରେ ସାଇନ୍ ଲାଙ୍ଗୁଏଜ୍‌ର ବିଭିନ୍ନ ସିମ୍ବଲ ସମ୍ପର୍କରେ ଉଲ୍ଲେଖ କରି ଦିଆଯାଇଛି। ସେହିପରି ଖାଦ୍ୟ ଅର୍ଡର ଦେବା ପାଇଁ ଏଠାରେ ପ୍ରତି ଖାଦ୍ୟ ଓ ପାନୀୟର ଭିନ୍ନ ଭିନ୍ନ ନମ୍ବର ମଧ୍ୟ ରଖାଯାଇଛି, ଯାହାର ସୂଚନା ମଧ୍ୟ ଉକ୍ତ ବୋର୍ଡରେ ଲେଖି ଦିଆଯାଇଛି। ଫଳରେ ଗ୍ରାହକ ନିଜ ପସନ୍ଦ ମୁତାବକ ଖାଦ୍ୟର ନମ୍ବରକୁ ଉକ୍ତ ବୋର୍ଡରୁ ପଢି ହାତରେ ବିଭିନ୍ନ ଭାବଭଙ୍ଗୀ କରି କାଫେ କର୍ମଚାରୀଙ୍କୁ ଖାଦ୍ୟ ଅର୍ଡର ଦେଇଥାନ୍ତି। ଯଦି କୌଣସି ଗ୍ରାହକ ସାଇନ୍ ଲାଗୁଏଜ୍ ଦ୍ୱାରା କାଫେ କର୍ମଚାରୀଙ୍କୁ ଖାଦ୍ୟ ଅର୍ଡର ଦେବାରେ ଅସଫଳ ହେଉଥାନ୍ତି, ତା'ହେଲେ ସେମାନେ ଚାହିଁଲେ ନୋଟ୍‌ପ୍ୟାଡ୍‌ରେ ନିଜ ଅର୍ଡର ଲେଖିକି ମଧ୍ୟ ଦେବାର ସୁବିଧା ଏଠାରେ ଅଛି। ସେହିପରି ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଡିଜିଟାଲ୍ କମ୍ୟୁନିକେଶନର ବ୍ୟବସ୍ଥା ବି ଉକ୍ତ କାଫେରେ ଉପଲବ୍ଧ ଅଛି। ବଧିର ବ୍ୟକ୍ତିଙ୍କ କର୍ମନିଯୁକ୍ତି ତଥା ଲୋକମାନଙ୍କୁ ସାଇନ୍ ଲାଙ୍ଗୁଏଜ୍ ସମ୍ପର୍କରେ ଶିକ୍ଷା ଦେବା ପାଇଁ ଗୁଆଙ୍ଗଡଙ୍ଗ ଡିଫ୍ ପିପୁଲ୍ ଆସୋସିଏଶନ୍‌ର ସହଯୋଗରେ ଷ୍ଟାରବକ୍ସ ଚାଇନାରେ ଏହି ଅଭିନବ ପ୍ରୟାସ କରି ୟା' ଭିତରେ ଅନେକ ସଫଳତା ମଧ୍ୟ ପାଇସାରିଲାଣି। ତେବେ ଚାଇନା ପୂର୍ବରୁ ଷ୍ଟାରବକ୍ସ ୨୦୧୬ରେ ମାଲେସିଆ ଓ ୨୦୧୮ରେ ୱାଶିଂଟନ୍ ଡି.ସି.ରେ ମଧ୍ୟ ଏହି ସାଇଲେଣ୍ଟ କାଫେ କରି ସଫଳତା ହାସଲ କରିସାରିଛି।





